

# କଟକ ସିଟି

# ବଦଳିଲା ରୋଗୀଙ୍କ ଖାଦ୍ୟ ତାଳିକା

**କଟକ,୨୭।୫(ସମିସ)**

ବଡ ମେଡିକାଲ ରୋଗୀଙ୍କ ଖାଦ୍ୟ ତାଳିକା ବଦଳିଛି। ଗତ ନଭେମ୍ବର ମାସରୁ ରୋଗୀଙ୍କ ନିମନ୍ତେ ଯେଉଁ ଖାଦ୍ୟ ସାରଣୀ ନିର୍ଦ୍ଧାରଣ କରାଯାଇଥିଲା, ସେଥିରେ ପରିବର୍ତ୍ତନ ଅଣାଯାଇଛି। ରୋଗୀଙ୍କୁ ମାଛ, ମାଂସ ତରକାରୀ ଦିଆଯାଉନଥିଲା। ସପ୍ତାହକୁ ଯେଉଁ ତିନିଥର ଆମିଷ ଖାଦ୍ୟ ଦିଆଯାଉଥିଲା, ତାହା ବନ୍ଦ ରହିଥିଲା। ଆମିଷ ଭାବେ କେବଳ ସିଝା ଅଣ୍ଡା, ଖାଦ୍ୟ ଥାଳିରେ ସାମିଲ ହୋଇଥିଲା। ଡାଏଟ୍ ଭିଜିଲାନ୍ସ କମିଟିର ନିଷ୍ପତ୍ତି ଅନୁସାରେ, ଏବେ ସପ୍ତାହକୁ ରୋଗୀ ଦୁଇଥର ତଥା ବୁଧବାର ଏବଂ ଶୁକ୍ରବାର ରନ୍ଧା ଆମିଷ ଖାଦ୍ୟ ପାଇବେ। ଆମିଷ ଖାଦ୍ୟ ଭାବେ ଅଣ୍ଡା ଏବଂ ମାଛ ତରକାରୀ ରୋଗୀଙ୍କ ଖାଦ୍ୟ ଥାଳିରେ ରହିବ। ରୋଗୀଙ୍କ ନିମନ୍ତେ ଉଦ୍ଦିଷ୍ଟ ନୂତନ ଖାଦ୍ୟ ତାଲିକା ଗତ ସପ୍ତାହରୁ ଲାଗୁ ହୋଇ ସାରିଥିବା ଜଣାପଡ଼ିଛି।

୨୦୧୫ ମସିହାରେ ବଡ ମେଡିକାଲ ରୋଗୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଖାଦ୍ୟ ବଜେଟ ବୃଦ୍ଧି ପାଇଥିଲା। ରୋଗୀ ପିଛା ପୂର୍ବରୁ ଦୈନିକ ୭୫ ଟଙ୍କା ଖର୍ଚ୍ଚ ହେଉଥିଲା। ସେ ବର୍ଷ ଏହି ବଜେଟରେ ପରିବର୍ତ୍ତନ ଅଣାଯିବା ସହିତ ରୋଗୀ ପିଛା ଖର୍ଚ୍ଚ କରାଯାଇଥିଲା ୮୫ଟଙ୍କା। ସେତେବେଳେ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥା ରୋଗୀଙ୍କ ଖାଦ୍ୟ ତାଲିକାରେ ମାଛ ଓ ମାଂସ ତରକାରି ଯୋଡ଼ିଥିଲା। ସେବେଠାରୁ ବଡ ମେଡିକାଲରେ ରୋଗୀଙ୍କୁ ଆମିଷ ଖାଦ୍ୟ ଯୋଗାଇ ଦିଆଯାଉଛି। ତେବେ ୨୦୨୧ ମସିହାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ ରୋଗର



- ନଭେମ୍ବରରୁ ମାଛ, ମାଂସ ତରକାରୀ ବାଦ୍ ଦିଆଯାଇଥିଲା
- ଏବେ ସପ୍ତାହକୁ ଦୁଇ ଥର ମିଳିବ ଆମିଷ
- ଶୁଖିଲା ଖାଦ୍ୟରେ ଯୋଡ଼ାଗଲା ବ୍ରାଉନବ୍ରେଡ୍

ରୋଗୀଙ୍କ ନିମନ୍ତେ ଏକ ଖାଦ୍ୟ ତାଲିକା ପ୍ରସ୍ତୁତ କରି ବଡ ମେଡିକାଲ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଏହି ତାଲିକା ଗତ ନଭେମ୍ବର ୧ରୁ କାର୍ଯ୍ୟକାରୀ କରାଯିବା ସହ ମାଛ ଓ ମାଂସ ତରକାରୀକୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଥିଲା। ଏବେ ରୋଗୀଙ୍କ ପିଛା ନିର୍ଦ୍ଧାରିତ ଖାଦ୍ୟ ମୂଲ୍ୟକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି।

ବିଭିନ୍ନ ବାର ଓ ଓଳି ଅନୁସାରେ ରୋଗୀଙ୍କ ପାଇଁ ଭିନ୍ନଭିନ୍ନ ପ୍ରକାର ଖାଦ୍ୟସୂଚୀ ରହିଛି। ବିଭିନ୍ନ ରୋଗର ରୋଗୀଙ୍କ ନିମନ୍ତେ ମଧ୍ୟ ଖାଦ୍ୟ ତାଲିକା ପୃଥକ କରାଯାଇଛି। ତେବେ ପ୍ରାତଃ ଭୋଜନରେ ସାଧାରଣ ରୋଗୀଙ୍କୁ ଇଡଲି, ସମ୍ବର, ଫଳ, ସୁଜି ଉପମା, ଘୁଘୁନି, ସିମେଇ ଧାର୍ଯ୍ୟ କରାଯାଇଛି। ସାଧାରଣ ରୋଗୀ ମଧ୍ୟାହ୍ନ ଭୋଜନରେ ଭାତ, ଡାଲି, ଡାଲମା, ସୋୟାବିନ ତରକାରୀ, ଭଜା, ଛୋଲେ ପନିର ତରକାରୀ ଆଦି ଖାଇବେ। ବୁଧବାର ଅଣ୍ଡା ତରକାରୀ ଏବଂ ଶୁକ୍ରବାର ମାଛ ତରକାରୀ ମଧ୍ୟାହ୍ନ ଭୋଜନରେ ମିଳିବ। ସେହିପରି ସାଧାରଣ ରୋଗୀଙ୍କୁ ରାତ୍ର ଭୋଜନରେ ଭାତ କିମ୍ବା ରୁଟି ସହ ବୁଟଡାଲି ଆଳୁ ତରକାରୀ, ଭଜା, ସୋୟାବିନ ତରକାରୀ, ଡାଲି ଆଦି ଯୋଗାଇ ଦିଆଯିବ।

ଡାଏରିଆ ରୋଗୀଙ୍କ ନିମନ୍ତେ ବ୍ଲାଣ୍ଡ ଡାଏଟ୍ ପ୍ରସ୍ତୁତ ହୋଇଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନଜରରେ ରଖି ସେମାନଙ୍କୁ ସ୍ୱତନ୍ତ୍ର ଖାଦ୍ୟ ଯୋଗାଇ ଦିଆଯାଉଛି। ବ୍ଲାଣ୍ଡ ଡାଏଟ୍ ଅନୁସାରେ, ପ୍ରାତଃ ଭୋଜନରେ ସାଗୁ କ୍ଷୀରି ଓ କଦଳୀ ଦିଆଯିବ। ବାର ଅନୁସାରେ ଚୁଡା କ୍ଷୀରି, ମିଲ୍କ ବାର୍ଲି ବି ଦିଆଯିବ। ମଧ୍ୟାହ୍ନ ଭୋଜନରେ ସାଧାରଣ ସିଝା ଭାତ, ଡାଲି, ସିଝା ଆଳୁ ଓ ଦହି ରହିଛି। ରାତ୍ର ଭୋଜନରେ ରୁଟି, କଦଳୀ ଓ ଡାଲମା ବ୍ଲାଣ୍ଡ ଡାଏଟରେ ସାମିଲ କରାଯାଇଛି। ଶିଶୁ ରୋଗ, ନେଫ୍ରୋଲୋଜି, କାର୍ଡିଓଲୋଜି, ସର୍ଜରୀ ବିଭାଗ ରୋଗୀଙ୍କ ନିମନ୍ତେ ଖାଦ୍ୟ ତାଲିକା ଭିନ୍ନ ରହିଛି। ଯେଉଁମାନେ କେବଳ ତରଳ ଖାଦ୍ୟ ଖାଇବେ ସେମାନଙ୍କ ପାଇଁ ବି ପୃଥକ ଖାଦ୍ୟ ତାଲିକା ପ୍ରସ୍ତୁତ କରାଯାଇଛି। ଏତଦବ୍ୟତୀତ କିଛି ରୋଗୀଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଉଛି। ଶୁଖିଲା ଖାଦ୍ୟ ତାଲିକାରେ ରହିଛି ୫୦୦ ମିଲିଲିଟର କ୍ଷୀର ସହିତ ୪୦୦ଗ୍ରାମର ବ୍ରାଉନ ବ୍ରେଡ୍, ଗୋଟେ ପ୍ୟାକେଟ ବିସ୍କୁଟ, ଦୁଇଟି ସିଝା ଅଣ୍ଡା ଓ ଦୁଇଟି କଦଳୀ। ବୃକ୍କ ରୋଗରେ ଆକ୍ରାନ୍ତଙ୍କ ପାଇଁ ଶୁଖିଲା ଖାଦ୍ୟରେ ଉପରୋକ୍ତ ସମସ୍ତ ସାମଗ୍ରୀ ସହିତ ହେଲଥ ଡ୍ରିଙ୍କ ପାଉଡର ସାମିଲ ହୋଇଛି। ପରିବର୍ତ୍ତିତ ଖାଦ୍ୟ ତାଲିକାକୁ ନେଇ ଏସ୍‌ସିବି ମେଡିକାଲ ଡାଏଟିସିଆନ ସୂର୍ଯ୍ୟଭାନୁ ମହାରଥୀ କହିଛନ୍ତି ଯେ, ଡାକ୍ତରଙ୍କ ପରାମର୍ଶ ଅନୁସାରେ ଖାଦ୍ୟ ତାଲିକା ପ୍ରସ୍ତୁତ ହୋଇଛି। ପ୍ରତ୍ୟେକ ରୋଗୀଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହି ତାଲିକା ପ୍ରଯୁଜ୍ୟ ବୋଲି ସେ କହିଛନ୍ତି।

## ମା' ବୁଢ଼ୀଠାକୁରାଣୀଙ୍କ ସପ୍ତମ ବାର୍ଷିକ ଉତ୍ସବ



**କଟକ,୨୭।୫(ସମିସ):** ବୁଢ଼ୀଠାକୁରାଣୀ କାଳୀଗଳି ପୂଜା କମିଟି ୧୩ ନମ୍ବର ୱାର୍ଡ ଅନ୍ତର୍ଗତ ମା' ବୁଢ଼ୀଠାକୁରାଣୀଙ୍କ ସପ୍ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କଳସ ଶୋଭାଯାତ୍ରା, ଭକ୍ତଙ୍କ ପାଇଁ ପ୍ରସାଦ ସେବନ ଓ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ମା ଦୁର୍ଗାଙ୍କ ନିମନ୍ତେ ନୂତନ ସୁନା ମୁକୁଟର ଶୁଭ ଦିଆଯାଇଥିଲା। ଅନ୍ତିମ ସନ୍ଧ୍ୟାରେ ମା'ବୁଢ଼ିଠାକୁରାଣୀଙ୍କ ଦର୍ଶନ ପାଇଁ ବେଶ ଭିଡ଼ ଜମିଥିଲା ଶେଷ ଦିନରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବୁଢ଼ୀଠାକୁରାଣୀ କାଳୀଗଳି ପୂଜା କମିଟିର ସଭାପତି, କଟକ ମହାନଗର ପୂଜା କମିଟିର ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, କଟକ ମେୟର ସୁବାଷ ସିଂ, କଟକ ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ, କଟକ ମହାନଗର ଶାନ୍ତି କମିଟିର ସମ୍ପାଦକ ଭିକାରି ଦାସ, ୧୩ନଂ ୱାର୍ଡ କର୍ପୋରେଟର ସତ୍ୟରଞ୍ଜନ ତ୍ରିପାଠୀ, ବୁଢ଼ୀଠାକୁରାଣୀ କାଳୀଗଳି ପୂଜା କମିଟିର ସମ୍ପାଦକ ବିଶ୍ୱନାଥ ଶତପଥୀ, କାର୍ଯ୍ୟକାରୀ ସଭାପତି ରଜନୀ କୁମାର ଦାସ, କୋଷାଧ୍ୟକ୍ଷ ଦିବ୍ୟଜ୍ୟୋତି ଦାସ ଓ ସମସ୍ତ କର୍ମକର୍ତ୍ତା ସଦସ୍ୟ ଏବଂ ଯୁବକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବୁଢ଼ୀଠାକୁରାଣୀ କାଳୀଗଳି ଯୁବକସଂଘର ସଭାପତି ତପନ କୁମାର ଦାସ ଏବଂ ସମ୍ପାଦକ ଜ୍ଞାନେଶ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶିକ୍ଷୟିତ୍ରୀଙ୍କ ମୃତ୍ୟୁରେ ଓଷ୍ଟାର ଶୋକ

**କଟକ,୨୭।୫(ସମିସ):** କଟକ ଜିଲ୍ଲା ମ୍ୟୁନିସିପାଲଟି ଅଧିନସ୍ଥ ବାଖରାବାଦ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁଜାତା ମିତ୍ର ପୋଲିଂ ଅଧିକାରୀ ଭାବେ କାର୍ଯ୍ୟ ନିର୍ବାହ କରୁଥିବା ସମୟରେ ଅସୁସ୍ଥ ହୋଇ ମେଡିକାଲରେ ପ୍ରାଣ ହରାଇଛନ୍ତି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ସଂଗଠନ ପକ୍ଷରୁ ସ୍ୱର୍ଗତଃ ମିତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ସୂଚନାଥାଉକି, ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ସୁଜାତା ମିତ୍ରଙ୍କ ଘର କଟକ ସହରର କାଜିବଜାର ଅଞ୍ଚଳରେ । ସେ ତୃତୀୟ ପୋଲିଂ ଅଧିକାରୀ ଭାବେ ହାଡ଼ିବନ୍ଧୁ ନୋଡାଲ୍ ହାଇସ୍କୁଲରେ ଦାୟିତ୍ୱ ତୁଲାଉଥିଲେ। ଏଭଳି ଅଭାବନୀୟ ଘଟଣା ପାଇଁ ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସଂପାଦକ ରଞ୍ଜନ ଦାଶ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର ସୁବୁଦ୍ଧି ପ୍ରମୁଖ ଦୁଃଖପ୍ରକାଶ କରିବା ସହ ମୃତବ୍ୟକ୍ତିଙ୍କ ପରିବାରକୁ ଯଥାଶୀଘ୍ର ସହାୟତା ରାଶି ପ୍ରଦାନ ନିମନ୍ତେ ସରକାର ତଥା ନିର୍ବାଚନ କମିଶନରଙ୍କୁ ଅନୁରୋଧ କରାଯାଇଛି।

## ଦୁଇ ପବ୍ଲିକ୍ ପ୍ରସିକ୍ୟୁଟରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କଟକ,୨୭।୫(ସମିସ):** କଟକର ପୂର୍ବତନ କ୍ୟାଡର ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ତଥା ବର୍ତ୍ତମାନ ନୟାଗଡରେ ଅବସ୍ଥାପିତ ପ୍ରସିକ୍ୟୁସନ ଉପନିର୍ଦ୍ଦେଶକ ବିଷ୍ଣୁ ପ୍ରସନ୍ନ ମହାପାତ୍ର ଓ ଭିଜିଲାନ୍ସର ପବ୍ଲିକ ପ୍ରସିକ୍ୟୁଟର ଗଦାଧର ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ୨୦୦୧ ବ୍ୟାଚର କ୍ୟାଡର ପ୍ରସିକ୍ୟୁଟରଙ୍କ ତରଫରୁ ଏହି ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଭିଜିଲାନ୍ସରେ କାର୍ଯ୍ୟରତ ପ୍ରସିକ୍ୟୁସନ ଉପନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ପବ୍ଲିକ ପ୍ରସିକ୍ୟୁଟର ସୁବ୍ରତ ମହାନ୍ତି, ହେମନ୍ତ ସ୍ୱାଇଁ, ତ୍ରିଲୋଚନ ପରିଡା, ନଳିନୀକାନ୍ତ ମହାରଣା, ଚିତ୍ତରଞ୍ଜନ କାନୁନଗୋ ପ୍ରମୁଖ ଯୋଗଦେଇଥିଲେ। ପ୍ରକାଶଥାଉକି ଶ୍ରୀ ମହାପାତ୍ର ଓ ଶ୍ରୀ ସାହୁ ପବ୍ଲିକ ପ୍ରସିକ୍ୟୁଟର ଭାବେ ସେମାନଙ୍କ ଚାକିରି ଜୀବନରେ ସରକାରଙ୍କ ତରଫରୁ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲା ପରିଚାଳନା କରି ସୁନାମ ଅର୍ଜନ କରିଥିଲେ।



**● ଟ୍ୟାକ୍ସି ଚାଳକଙ୍କ ପୁଅ ସ୍କୁଲ ଟପ୍ପର**

## କୃତୀ ଛାତ୍ରଙ୍କୁ ଭେଟିଲେ ବରିଷ୍ଠ ପଦାଧିକାରୀ



**କଟକ,୨୭।୫(ସମିସ):** ମାଧ୍ୟମିକ ବୋର୍ଡ ପରୀକ୍ଷା ଫଳ ବାହାରିବା ପରେ କଟକର ଜଣେ ଟ୍ୟାକ୍ସି ଚାଳକଙ୍କ ପୁଅ ମାଟ୍ରିକ ପରୀକ୍ଷାରେ ରେଭେନ୍ସା କଲିଜିଏଟ ସ୍କୁଲରେ ସର୍ବାଧିକ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ରେଭେନ୍ସା କଲିଜିଏଟ ସ୍କୁଲର ଛାତ୍ର ଆଶୁତୋଷ ସାହୁ ୫୫୨ ନମ୍ବର ତଥା ୯୨ ପ୍ରତିଶତ ରଖି ଏ-୧ ଗ୍ରେଡ ପାଇ ଟପ୍ପର ହୋଇଛନ୍ତି। ଏ ସମ୍ପର୍କରେ ଖବର ପାଇବା ପରେ ଆଜି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ ରଘୁରାମ ଆୟାର, କଟକ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତ, ବିଇଓ ସରସ୍ୱତୀ କାନୁନଗୋ ଏବଂ କଲିଜିଏଟ ସ୍କୁଲର ପ୍ରଧାନଶିକ୍ଷକ ସୁଶ୍ରୀ ପ୍ରଗତି ପଣ୍ଡା ଆଶୁତୋଷଙ୍କ ଘରକୁ ଯାଇ ତାଙ୍କୁ ଭେଟିବା ସହ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ସେ ଜଣେ ଟ୍ୟାକ୍ସି ଚାଳକଙ୍କ ପୁତ୍ର। ପରିବାରର ଆର୍ଥିକ ସ୍ଥିତି ଭଲ ହୋଇ ନ ଥିଲେ ସୁଦ୍ଧା ପାଠ ପଢା ପାଇଁ ଆବଶ୍ୟକୀୟ ପାଠ୍ୟପୁସ୍ତକ କିଣିବାରେ ବାପା କେବେ ଅବହେଳା କରି ନାହାନ୍ତି ବୋଲି ଆଶୁତୋଷ ପ୍ରକାଶ କରିଛନ୍ତି। ଏଥି ସହିତ ସେ ଭବିଷ୍ୟତରେ ଡାକ୍ତର ହେବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି।

## କଳା ବିକାଶ କେନ୍ଦ୍ର ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**କଟକ,୨୭।୫(ସମିସ)**

କଳାବିକାଶ କେନ୍ଦ୍ରରେ ଏକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ଡଃ ବିଜୟାନନ୍ଦ ସିଂ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ରବିନ୍ଦ୍ରନାଥ ମହାନ୍ତି, କାର୍ଯ୍ୟକାରୀ ସଭାପତି ଆଇନଜୀବୀ ପ୍ରସନ୍ନକୁମାର ନନ୍ଦ, ସମ୍ପାଦକ ପ୍ରସେନ୍‌ଜିତ୍ ମହାନ୍ତି ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଲକିପ୍ରଜ୍ଞା ମହାନ୍ତି, କବିତା ଚାନ୍ଦ, ତନ୍ମୟ ହୋତା, ବିଜୟ କୁମାର ସାହୁ ଓ ସନ୍ଦିପ୍ ପାଣି ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ଯୁଗ୍ମ ସମ୍ପାଦିକା ସୁଦିପ୍ତା ଦାଶ ଧନ୍ୟବାଦ ଦେଇଥିଲେ। ଏଥିରେ ଦେବେନ୍ଦ୍ରକୁମାର ଦାସ, ଏ.ମହେଶ୍ୱର ରାଓ, ସୁଜାତା ପ୍ରିୟଦର୍ଶନୀ, ରାଧାମୋହନ ସାହୁ, ସତ୍ୟଗୋପାଳ ପରିଜା, ସୁବାସ ପ୍ରଧାନ ଓ ରବୀନ୍ଦ୍ରନାଥ ବଟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ଓଡ଼ିଶା ଲାବୋରେଟୋରୀ ଟେକ୍ନିସିଆନ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା

**କଟକ,୨୭।୫(ସମିସ)**

ଓଡିଶା ଲାବୋରେଟୋରୀ ଟେକ୍ନିସିଆନ ସଂଘ (ଓଏମଏଲଟିଏ) କଟକ ଜିଲ୍ଲା ଶାଖା ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ସିଟି ହସ୍ପିଟାଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂପାଦକ ଅନନ୍ତ ଭଦ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ସଂଘର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ବଳିଷ୍ଠ ଅବଦାନ ପାଇଁ ଓଏମଏଲଟିଏ ରାଜ୍ୟ ସଂପାଦକ ଅକ୍ଷୟ କୁମାର ସ୍ୱାଇଁଙ୍କୁ କଟକ ଜିଲ୍ଲା ଶାଖା ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ ଉପଦେଷ୍ଟା କିଶୋର ନାୟକ, ଅକ୍ଷୟ ସାହୁ, ଗଙ୍ଗାଧର ସାମନ୍ତରାୟ ପ୍ରମୁଖ ଯୋଗଦେଇ ସଂଘର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ସଂଘ ସଭାପତି ଆଶିଷ ମହାନ୍ତି, ସଞ୍ଜୟ ପୃଷ୍ଟି, ଅବିନାଶ ନାୟକ, ଆଶୁତୋଷ ମିଶ୍ର, ମନୋଜ ବେହେରା, ସବିତା ବେହେରା, ସସ୍ମିତା ସାମଲ, ପ୍ରଶାନ୍ତ ସେନାପତି, ସୁକାନ୍ତ ସେଠୀ, ଚିନ୍ମୟୀ ସାହୁ, ରବିନ୍ ମହନ୍ତ, ସୌମ୍ୟରଞ୍ଜନ ସ୍ୱାଇଁ, ମହମ୍ମଦ ସରିଫ୍, ରଞ୍ଜିତ ମହାନ୍ତି, ବିଶ୍ୱଜିତ ମହାପାତ୍ର, ଶୀତଳ ମହାନ୍ତି, ଲୋପାମୁଦ୍ରା ନାୟକ, ସମ୍ବିତ ମହାନ୍ତି, ସଲମା ପରବିନ୍, ଅପର୍ଣ୍ଣା ମହାରଣା, ଆନନ୍ଦ ବେହେରା, ସଞ୍ଜୀବ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ।



## ଅଷ୍ଟପ୍ରହର ଓ ନାମ ସଂକୀର୍ତ୍ତନ

**କଟକ,୨୭।୫(ସମିସ):** କଟକ ସଦର ୪୨ମୌଜା ଅନ୍ତର୍ଗତ ରାଉତରାପୁର ସ୍ଥିତ ପୁରୁଷୋତ୍ତମପୁର ଠାରେ ପୁରୁଷୋତ୍ତମ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କର ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଯଜ୍ଞ ଚଳିତ ବୈଶାଖ ମାସ ଶୁକ୍ଳପକ୍ଷ ୨୨ରେ ଆରମ୍ଭ ହୋଇ ୨୩ ତଥା ଚନ୍ଦନ ପୂର୍ଣ୍ଣିମାରେ ସମାପନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସର୍ବଧର୍ମ ସମନ୍ୱୟର ପ୍ରତୀକ ପତିତ ପାବନ ଭକ୍ତବତ୍ସଳ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର କଳକୀ ମହାମନ୍ତ୍ର ଭଜନ ନାମ ସଂକୀର୍ତ୍ତନ କରାଯାଉଛି। କାରଣ ସ୍ୱୟଂ ଜଗତଜନନୀ ଆଦ୍ୟାଶକ୍ତି ମା ଶାରଳାଙ୍କ ନିର୍ଦ୍ଦେଶରେ ସଦଗୁରୁ ଶ୍ରୀ ଶ୍ରୀ ପ୍ରଦ୍ୟୁମ୍ନ କିଶୋର ଦେବଙ୍କ ପ୍ରଦତ୍ତ ଏହି କଳକୀ ମହାମନ୍ତ୍ରକୁ ଗୁରୁମା ପ୍ରଜ୍ଞାପାରମିତା ଦେବୀ ଓ ସମସ୍ତ ଶିଷ୍ୟ-ଶିଷ୍ୟା ତଥା ଭକ୍ତଗଣ ଗାନ କରିଥିଲେ। ପରିଶେଷରେ ବିଭିନ୍ନ ସଂପ୍ରଦାୟ ହିନ୍ଦୁ, ମୁସଲିମ, ଖ୍ରୀଷ୍ଟିଆନ ଓ ଜୈନ ଆଦିରେ ନିଜକୁ ବିଭକ୍ତ ନ କରି ସମସ୍ତ ସଂପ୍ରଦାୟ ଏକ ହୋଇ ସେହି ଏକ ପରମବ୍ରହ୍ମ ପୁରୁଷୋତ୍ତମ ଜଗତର ନାଥ ଜଗନ୍ନାଥଙ୍କୁ ସ୍ମରଣ କଲେ ସଭିଏଁ ମହାପ୍ରଭୁଙ୍କ କୃପାରୁ ସୁନିଶ୍ଚିତ ଉଦ୍ଧାର ପାଇପାରିବେ ବୋଲି ଶ୍ରୀ ଗୁରୁଦେବ କହିଥିଲେ।

## ବିବାହ ବନ୍ଧନରେ ପ୍ରଶିକ୍ଷକ ଦେବାଶିଷ

### ସୃଷ୍ଟି କରିଛନ୍ତି ୪ ଅନ୍ତର୍ଜାତୀୟ କ୍ରିକେଟର



**କଟକ,୨୭।୫(ସମିସ):** ରାଜ୍ୟ ମହିଳା ଦୃଷ୍ଟିହୀନ କ୍ରିକେଟ ଦଳର ପ୍ରଶିକ୍ଷକ ଦେବାଶିଷ ଜେନା ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ବୈଦିକ ରୀତିନୀତିରେ ସୋମବାର ସେ ଅଙ୍କିତା ପ୍ରଧାନଙ୍କୁ ବିବାହ କରିଛନ୍ତି। ଦେବାଶିଷଙ୍କ ଜୀବନର ନୂତନ ଯାତ୍ରା ନେଇ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଅନ୍ତର୍ଜାତୀୟ ଦୃଷ୍ଟିହୀନ କ୍ରିକେଟର ଜାଫର ଇକବାଲ। ପ୍ରକାଶ ଥାଉକି, ଦେବାଶିଷଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରାଜ୍ୟ ମହିଳା ଦୃଷ୍ଟିହୀନ କ୍ରିକେଟର ବିକାଶ ଘଟୁଛି। ତାଙ୍କ ଠାରୁ ପ୍ରଶିକ୍ଷଣ ହାସଲ କରିଥିବା ୪ଜଣ ମହିଳା ଖେଳାଳି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ସାରିଲେଣି।

**ବାରବାଟୀ-କଟକ, ଚୌଦ୍ୱାର-କଟକ ଓ ସଦର ବିଧାନସଭା କ୍ଷେତ୍ର**

## ନିର୍ବାଚନ ପରେ ପ୍ରାକ୍ ଆକଳନରେ ବ୍ୟସ୍ତ ପ୍ରାର୍ଥୀ ଓ ସମର୍ଥକ

**କଟକ,୨୭।୫(ସମିସ)**

କଟକ ଜିଲ୍ଲାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ସମାପ୍ତ ହୋଇଥିଲା ବେଳେ ଏବେ ପ୍ରାର୍ଥୀମାନେ ଓ ତାଙ୍କ ସମର୍ଥକ ବି ହାରଜିତକୁ ନେଇ ରୀତିମତ ତର୍ଜମା ଚଳାଇଛନ୍ତି। ଜିଲ୍ଲାର ୬ ବିଧାନସଭା କ୍ଷେତ୍ର ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ବାଙ୍କୀ, ଆଠଗଡ ଓ ବଡମ୍ବାରେ ଭୋଟଗ୍ରହଣ ଶେଷ ହେବା ପରେ ଏବେ ଫଳକୁ ନେଇ ଉତ୍କଣ୍ଠା ପ୍ରକାଶ ପାଇଛି। ଭୋଟ ଗଣତି ଓ ନିର୍ବାଚନ ଫଳ ପ୍ରକାଶ ଆସନ୍ତା ଜୁନ ୪ତାରିଖ ଦିନ ହେବାକୁ ଥିଲା ବେଳେ ଏବେ କେଉଁ ବିଧାନସଭା ଆସନରେ କିଏ ଜିତୁଛନ୍ତି ନା ହାରୁଛନ୍ତି ତାହାର ପ୍ରାକ୍ ଆକଳନ କରିବାରେ ଲାଗିଛନ୍ତି ପ୍ରାର୍ଥୀ ଓ ସମର୍ଥକ। ଏଥିଲାଗି ନିର୍ବାଚନ ସରିଥିଲେ ବି ସବୁ ପ୍ରାର୍ଥୀଙ୍କ ବାସଭବନରେ କର୍ମୀଙ୍କ ଗହଳି ଦେଖିବାକୁ ମିଳିଛି। ପ୍ରାର୍ଥୀଙ୍କ ତରଫରୁ ବିଭିନ୍ନ ବୁଥରେ ଥିବା ଏଜେଣ୍ଟ ଓ କର୍ମକର୍ତ୍ତାମାନେ ପ୍ରାର୍ଥୀଙ୍କ ଘରେ କେତେ ଭୋଟ ଆସିଲା ତାହାର ଏକ ଆକଳନ କରିଛନ୍ତି। କଟକ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନ ମଣ୍ଡଳୀ ବାରବାଟୀ-କଟକରେ ମତଦାନ ହାର ଗତ ୨୦୧୯ ତୁଳନାରେ ସାମାନ୍ୟ ଅଧିକ ରହିଛି। ଏଣୁ ଫଳାଫଳ ନେଇ ପ୍ରାର୍ଥୀମାନେ ଦ୍ୱନ୍ଦରେ ରହିଛନ୍ତି। ଏଥର ବାରବାଟୀ-କଟକରେ ବିଜେଡି, କଂଗ୍ରେସ ଓ ବିଜେପିର ପ୍ରାର୍ଥୀ ନୂଆ ମୁହଁ ହୋଇଥିବାରୁ ଏଠାରେ ପ୍ରାକ ଆକଳନ ସହଜ ହେଉନାହିଁ। ବାରବାଟୀ-କଟକ ବିଧାନସଭା ଆସନରେ ଗତ ୨୦୧୪ ନିର୍ବାଚନରେ ମତଦାନ ହାର ୫୯.୯ ପ୍ରତିଶତ ଥିଲା ବେଳେ ଶାସକ ଦଳ ବିଜେଡି ପ୍ରାର୍ଥୀଙ୍କ ଜିତାପଟ ହୋଇଥିଲା। ୨୦୧୯ରେ ମତଦାନ କମିଥିବା ବେଳେ ବିଜେଡି ପ୍ରାର୍ଥୀ ପରାଜିତ ହୋଇଥିଲେ। ବାରବାଟୀ-କଟକରେ ବିଜେଡିର ପ୍ରକାଶ ବେହେରା, କଂଗ୍ରେସର ସୋଫିଆ ଫିରଦୋସ, ବିଜେପିର ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ମଧ୍ୟରେ ତ୍ରିମୁଖୀ ଲଢେଇ ହୋଇଥିବା କୁହାଯାଉଛି। ସେହିପରି ଚୌଦ୍ୱାର-କଟକରେ ବି ଏଥର ଗତ ଥର ଠାରୁ କମ ମତଦାନ ହାର ରହିଛି। ଗତ ୨୦୧୯ରେ ଏଠାରେ ୫୭.୯୨ ପ୍ରତିଶତ ମତଦାନ ହୋଇଥିଲା ବେଳେ ଏଥର ଏହା ୫୬.୪୮ ପ୍ରତିଶତ ମଧ୍ୟରେ ସୀମିତ ରହିଛି। ଚୌଦ୍ୱାର-କଟକରେ ଏଥର କିଏ ଜିତିବ ତାହାର ଆକଳନ ଆରମ୍ଭ ହୋଇଯାଇଛି। ମତଦାନ ହାର ବୃଦ୍ଧି ଏଠାରେ ପ୍ରାର୍ଥୀଙ୍କ ବିଜୟବ୍ୟବଧାନ ବିଗତ ନିର୍ବାଚନରେ ବୃଦ୍ଧି କରିଥିବାର ଦେଖିବାକୁ ମିଳିଛି। ଏଥର ପୁଣି ମତଦାନ ହାର ସାମାନ୍ୟ କମିଥିବା ବେଳେ ବିଜେଡି ପ୍ରାର୍ଥୀ ସୌଭିକ ବିଶ୍ୱାଳ, ବିଜେପି ପ୍ରାର୍ଥୀ ନୟନ କିଶୋର ମହାନ୍ତି ଓ କଂଗ୍ରେସ ପ୍ରାର୍ଥୀ ମୀରା ମଲ୍ଲିକଙ୍କ ମଧ୍ୟରୁ କିଏ ଜିତାପଟ ହାସଲ କରିବ ତାହା ଦେଖିବାକୁ ବାକି ରହିଛି। ଏଥର କଟକ ସଦରରେ ବିଜେଡି ପ୍ରାର୍ଥୀ ଚନ୍ଦ୍ରସାରଥୀ ବେହେରା ଓ ବିଜେପି ପ୍ରାର୍ଥୀ ପ୍ରକାଶ ସେଠୀଙ୍କ ମଧ୍ୟରେ କଡା ମୁକାବିଲା ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ରାମଚନ୍ଦ୍ର ଗୋଚ୍ଛାୟତ ବି ଏକ ନିର୍ଣ୍ଣାୟକ ଭୂମିକା ନେବେ ବୋଲି ଚର୍ଚ୍ଚା ହେଉଛି। କଟକ ସଦରରେ ମତଦାନ ହାର ୬୭ ପ୍ରତିଶତରୁ ଅଧିକ ଥିବା ବେଳେ ଗତ ନିର୍ବାଚନ ଠାରୁ କିନ୍ତୁ କମ ରହିଛି। ଏହା କେତେଦୂର ବିଜେଡି କିମ୍ବା ବିଜେପି ଓ କଂଗ୍ରେସ ପାଇଁ ସହାୟକ ହେବ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।



## କମର୍ସ ପଏଣ୍ଟ ପକ୍ଷରୁ ଟପ୍ପର ଛାତ୍ରଙ୍କୁ ସମ୍ବର୍ଦ୍ଧନା



**ସାଲେପୁର,୨୭ ।୫(ସମିସ):** ଚଳିତ +୨ ବାଣିଜ୍ୟ ବିଭାଗରେ ସାଲେପୁର କମର୍ସ ପଏଣ୍ଟର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଥିବାବେଳେ ସବ୍ୟସାଚୀ ଭୂୟାଁ ୫୪୫ ନମ୍ବର ରଖି ସାଲେପୁର କଲେଜ ଟପ୍ପର ହୋଇଛନ୍ତି। ସେହିପରି କମର୍ସ ପଏଣ୍ଟରେ ଅଧ୍ୟୟନ କରୁଥିବା ୭୮ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅବସରରେ ଆଜି କମର୍ସ ପଏଣ୍ଟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟାପକ ମନୋଜ କୁମାର ବେଉରାଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଅଧ୍ୟାପକ ଅଜିତ୍ କୁମାର ବାରିକ, ସତ୍ୟନାରାୟଣ ମିଶ୍ର, ମାନସ ରଞ୍ଜନ ବେଉରା, ସତ୍ୟରଞ୍ଜନ ମିଶ୍ର, ବଦ୍ରିନାରାୟଣ ପାତ୍ର ଉପସ୍ଥିତ ରହି ଚଳିତ +୨ ବାଣିଜ୍ୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରଥମ ୨୦ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି କମର୍ସ ପଏଣ୍ଟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୮ଜଣ ପ୍ରଥମ ଶ୍ରେଣୀ, ୧୨ଜଣ ଦ୍ୱିତୀୟ ଶ୍ରେଣୀ ଓ ୩ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨ଜଣ ଛାତ୍ର ସବ୍ୟସାଚୀ ଭୂୟାଁ ଓ ଅସିତ୍ ପାଣିଗ୍ରାହୀ ଶତକଡ଼ା ୯୦ପ୍ରତିଶତରୁ ଅଧିକ ନମ୍ବର ରଖି କମର୍ସ ପଏଣ୍ଟର ଗୌରବ ବଢ଼ାଇଛନ୍ତି। ଏହି ଅବସରରେ କମର୍ସ ପଏଣ୍ଟ ପକ୍ଷରୁ ଉକ୍ତ ଛାତ୍ରଛାତ୍ରୀମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ, ଅଭିଭାବକଙ୍କୁ ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟାପକ ମନୋଜ ବେଉରା ଅଭିନନ୍ଦନ ଜଣାଇଛନ୍ତି।

## ନିର୍ବାଚନ ସାରି ଫେରୁଥିବା ବେଳେ ଦୁର୍ଘଟଣାରେ ଶିକ୍ଷକ ଗୁରୁତର

**ମାହାଙ୍ଗା,୨୭।୫(ସମିସ):** ମାହାଙ୍ଗା ବ୍ଲକ ସାମନ୍ତରାୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଦେବକାନ୍ତ ସାମଲ ଏବଂ କୋଳିଅଠା ନ୍ୟୁ ପ୍ରାଇମେରୀ ବିଦ୍ୟାଳୟର ଶିକ୍ଷକ ଭାଗ୍ୟଧର ନାୟକ ତୃତୀୟ ପର୍ଯ୍ୟାୟ ମତଦାନ କାର୍ଯ୍ୟ ସାରି ଘରକୁ ଫେରୁଥିବାବେଳେ ବସ ଧକ୍କାରେ ଗୁରୁତର ହୋଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ ମାହାଙ୍ଗା ବ୍ଲକ ସାମନ୍ତରାୟ ସରକାରୀ ବିଦ୍ୟାଳୟର ଶିକ୍ଷକ ଦେବକାନ୍ତ ସାମଲ ଏବଂ କୋଳିଅଠା ନ୍ୟୁ ପ୍ରାଇମେରୀ ବିଦ୍ୟାଳୟର ଶିକ୍ଷକ ଭାଗ୍ୟଧର ନାୟକ ପୋଲିଂ ଅଧିକାରୀ ଭାବେ କଟକରେ ତୃତୀୟ ପର୍ଯ୍ୟାୟ ମତଦାନ ପ୍ରକ୍ରିୟାରେ ଯୋଗଦେଇଥିଲେ। ସେ ଗତକାଲି ସକାଳୁ ବାଇକରେ କଟକରୁ ଘରକୁ ଫେରୁଥିବାବେଳେ କଟକ-ଛତିଆ ଜାତୀୟ ରାଜପଥ ଛତିଆ ନିକଟରେ ତାଙ୍କ ପଛପଟୁ ଏକ ବସ ଧକ୍କା ଦେଇଥିଲା। ଯାହା ଫଳରେ ଦେବକାନ୍ତ ତଳେ ପଡି ଗୁରୁତର ଆହାତ ହେବା ସହ ସଜ୍ଞାହୀନ ହୋଇପଡିଥିଲେ ଏବଂ ଭାଗ୍ୟଧର ମଧ୍ୟ ଆହାତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ସେମାନଙ୍କୁ ପ୍ରଥମେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ଦେବକାନ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଘରୋଇ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି।

## ପୁଲିସର ଫ୍ଲାଗମାର୍ଚ୍ଚ



**ମାହାଙ୍ଗା,୨୭।୫(ସମିସ):** ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ନିର୍ବାଚନର ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଏବଂ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଉଦ୍ଦେଶ୍ୟରେ ମାହାଙ୍ଗା ବ୍ଲକର ବିଭିନ୍ନ ପଞ୍ଚାୟତର ଗ୍ରାମ ଓ ଛକ ବଜାରରେ ଏବଂ ସମ୍ବେଦନଶୀଳ ବୁଥ୍ ଅଞ୍ଚଳରେ ମାହାଙ୍ଗା ପୁଲିସ ପକ୍ଷରୁ ଦୁଇ ପ୍ଲାଟୁନ ସିଏପିଏଫ ପୁଲିସ ସହାୟତାରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଏସପିଙ୍କ ନିର୍ଦ୍ଦେଶକ୍ରମେ ମାହାଙ୍ଗା ଥାନା ଅଧିକାରୀ ବିଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଆଜି ପଲ୍ଲିସାହି, ଖଦୋଳ, କୁମୁଡା ଜୟପୁର ଫାଣ୍ଡି ଅଞ୍ଚଳର କଇଥା, ଆନନ୍ଦବଜାର, ସମସରପୁର, କୁଣ୍ଡି, କୁହୁଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମ ଓ ଛକ ବଜାରରେ ପୁଲିସ ଫ୍ଲାଗ୍ ମାର୍ଚ୍ଚ କରି ସାଧାରଣ ଜନତାକୁ ସଚେତନ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏସଆଇ ଇପ୍ସିତା ପ୍ରିୟଦର୍ଶିନୀ, ଏସଆଇ ରାକେଶ ଖୁଣ୍ଟିଆ, ହେମନ୍ତ ବେହେରା, ସଂଗ୍ରାମ ସିଂହ ପ୍ରମୁଖ ଫ୍ଲାଗ ମାର୍ଚ୍ଚରେ ସାମିଲ ଥିଲେ।

## ତରିତୋରେ ବିଜେପିର ମିଶ୍ରଣ ପର୍ବ

**ସାଲେପୁର,୨୭ ।୫(ସମିସ):** ଗତକାଲି ତରିତୋ ପଞ୍ଚାୟତରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ତରିତୋ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷମାନେ ଅନ୍ୟଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ ବିଜେପି ଦଳରେ ସାମିଲ ହୋଇଥିବା ଜଣାଯାଇଛି। ତରିତୋ ପଞ୍ଚାୟତର ପତିସାହି ପଡ଼ିଆରେ ଲୋଲୁପ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଲେପୁର ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ୍ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଯୁବନେତା ହିମାଂଶୁ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଦ୍ୱୀପାଞ୍ଚଳର ନେତା ଧ୍ରୁବଚରଣ ମହାନ୍ତି, ମହିଳା ମୋର୍ଚ୍ଚା ସଭାପତି ଲକ୍ଷ୍ମୀପ୍ରିୟା ଲେଙ୍କା, ରାଜୀବ ଷଡ଼ଙ୍ଗୀ, ମନୋଜ ବିଶ୍ୱାଳ, ତରିତୋ ବିଜେପି ସଭାପତି, ଉପସଭାପତିଙ୍କ ସମେତ ବହୁ ନେତୃମଣ୍ଡଳୀ ଅତିଥି ଭାବେ ଯୋଗଦେଇଥିବାବେଳେ ଶତାଧିକ ବିଜେପି କର୍ମୀ ଏହି ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

### ମାହାଙ୍ଗା, ସାଲେପୁର ଓ ନିଆଳି ଭୋଟ ଜୁନ ୧ରେ

# ୩ ବିଧାନସଭା ଆସନ ବଜାୟ ରଖିବା ଲକ୍ଷ୍ୟରେ ବିଜେଡି

**କଟକ,୨୭।୫(ସମିସ)**

କଟକ ଲୋକସଭା ଅନ୍ତର୍ଗତ ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟଗ୍ରହଣ ଶେଷ ହୋଇଥିବା ବେଳେ ବାକି ୩ଟି ଆସନର ଭୋଟ ଆସନ୍ତା ଜୁନ୧ତାରିଖରେ ହେବ। ସାଲେପୁର, ମାହାଙ୍ଗା ଓ ନିଆଳି ବିଧାନସଭା କ୍ଷେତ୍ରରେ ମତଦାନ ହେବାକୁ ଥିବା ବେଳେ ଏଥିପାଇଁ ବିଜେଡି, ବିଜେପି ଓ କଂଗ୍ରେସ ଦଳ ପକ୍ଷରୁ ପ୍ରଚାର ଜୋରଦାର କରାଯାଇଥିବା ଦେଖିବାକୁ ମିଳିଛି। ଏହି ୩ ଗୋଟି ବିଧାନସଭା ଆସନ ମଧ୍ୟରୁ ସାଲେପୁର ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀ କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ର ଅଧୀନରେ ଯାଉଥିବା ବେଳେ ନିଆଳି ଆସନଟି ଜଗତସିଂହପୁର ସଂସଦୀୟ କ୍ଷେତ୍ର ଅଧୀନରେ ଯାଉଛି। ତେବେ ଉପରୋକ୍ତ ତିନି ନିର୍ବାଚନ ମଣ୍ଡଳୀ ସମେତ ଉଭୟ ସଂସଦୀୟ କ୍ଷେତ୍ରର ବିଜେଡି ପ୍ରାର୍ଥୀଙ୍କ ପାଇଁ ଆଜି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି କେନ୍ଦ୍ରାପଡା ଓ ଜଗତସିଂହପୁରରେ ପ୍ରଚାର କରିଛନ୍ତି। ନବୀନଙ୍କ ପ୍ରଚାର ପରେ ବିଜେଡି ଶିବିର ବେଶ ଉତ୍ସାହିତ ହୋଇପଡିଥିବା ପରିଲକ୍ଷିତ ହୋଇଛି। ସାଲେପୁର, ମାହାଙ୍ଗା ଓ ନିଆଳି ଆସନ ଗତ ନିର୍ବାଚନରେ ବିଜେଡି ଦଖଲରେ ରହିଥିବା ବେଳେ ଏହି ଆସନ ଗୁଡିକୁ ବଜାୟ ରଖିବା ଲକ୍ଷ୍ୟରେ ରହିଛି ବିଜେଡି। ସାଲେପୁର ବିଧାନସଭା ଆସନଟି କେବଳ

**ନବୀନଙ୍କ ପ୍ରଚାର ପରେ ବିଜେଡି ଶିବିର ଉତ୍ସାହିତ**

୨୦୧୪କୁ ବାଦ ଦେଲେ ଗତ ୨୦୦୦, ୨୦୦୪, ୨୦୦୯ ଓ ୨୦୧୯ ନିର୍ବାଚନରେ ବିଜେଡି ଦଖଲ କରିଥିଲା। ଏଥର ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ବେହେରାଙ୍କ ବିପକ୍ଷରେ କଂଗ୍ରେସର ଆକିବ ଖାନ ଓ ବିଜେପିର ଅରିନ୍ଦମ ରାୟ ପ୍ରାର୍ଥୀ ରହିଛନ୍ତି। ଏଠାରେ ଗତ ନିର୍ବାଚନରେ ବିଜୟୀ ବିଜେଡି ପ୍ରାର୍ଥୀ ପ୍ରଶାନ୍ତଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ହୋଇଥିଲେ ପ୍ରକାଶ ବେହେରା। ତେବେ ପ୍ରକାଶ ବିଜେଡିରେ ଯୋଗଦେବା ପରେ ଏଠାରେ ବିଜେପି ସଂଗଠନ ଦୁର୍ବଳ ହୋଇପଡିଛି। ଏଣୁ ଏଠାରେ ବିଜେଡି-କଂଗ୍ରେସ ନା ତ୍ରିମୁଖୀ ଲଢେଇ ହେବ ତାହା ଭୋଟ ଫଳ ପରେ ସ୍ପଷ୍ଟ ହେବ। ମାହାଙ୍ଗା ବିଧାନସଭା କ୍ଷେତ୍ରରେ ବିଧାୟକ ପ୍ରତାପ ଜେନାଙ୍କ ପୁରୁଣା ପ୍ରତିଦ୍ୱନ୍ଦୀ କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର ସାହୁ ଓ ସ୍ୱାଧୀନ ପ୍ରାର୍ଥୀ ଶାରଦା ପ୍ରଧାନ ତାଙ୍କ ପୁତ୍ର ବିଜେଡି ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନାଙ୍କ ବିପକ୍ଷରେ ରହିଛନ୍ତି। ସେହିପରି ବିଜେପିରୁ ଲଢୁଛନ୍ତି ସୁମନ୍ତ ଘଡେଇ। ଏହି ନିର୍ବାଚନ ମଣ୍ଡଳୀରେ ୧୩ ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିବା ବେଳେ ବିଜେପି ପାଇଁ ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ ଶାରଦା କଣ୍ଟା ହୋଇ ଛିଡା ହୋଇଛନ୍ତି। ଏଠାରେ ଦୁଇ ଜାତୀୟ ଦଳ ପ୍ରାର୍ଥୀଙ୍କୁ ପଛରେ ପକାଇ ବିଜେଡି ସହ ସ୍ୱାଧୀନ ପ୍ରାର୍ଥୀ ମୁକାବିଲା କରିବେ ନା ଚତୁର୍ମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ତାହା ନିର୍ବାଚନ ଫଳରୁ ଜଣାପଡିବ। ମାହାଙ୍ଗା ଗତ ୨୦୦୦ମସିହାରୁ ବିଜେଡିର ଗଡ ପାଲଟିଥିବା ବେଳେ ଏହି ଧାରା ବଜାୟ ରଖିବା ଲକ୍ଷ୍ୟରେ ପୁତ୍ରଙ୍କ ପାଇଁ ଅଣ୍ଟା ଭିଡିଛନ୍ତି ପ୍ରତାପ। ସେହିପରି ନିଆଳି ବିଧାନସଭା ଆସନରେ ବି ବିଜେଡି ପ୍ରାର୍ଥୀ ଡା ପ୍ରମୋଦ ମଲ୍ଲିକଙ୍କ ସହ ତାଙ୍କର ପୁରୁଣା ପ୍ରତିଦ୍ୱନ୍ଦୀ ବିଜେପି ପ୍ରାର୍ଥୀ ଛବି ମଲ୍ଲିକଙ୍କ ଦ୍ୱିମୁଖୀ ଲଢେଇ ହେବ ନା କଂଗ୍ରେସର ନୂଆ ମୁହଁ ଗୀତାଞ୍ଜଳି ମଲ୍ଲିକ ତ୍ରିମୁଖୀ ଲଢେଇରେ ସାମିଲ ହେବେ ତାହା ଦେଖିବାକୁ ବାକି ରହିଛି। ନିଆଳି ବି ଗତ ୩ ନିର୍ବାଚନରେ ବିଜେଡି ଦଖଲରେ ରହିଛି। ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ରହିଥିବା ବିଦ୍ରୋହୀ ପ୍ରାର୍ଥୀ, ଦୁର୍ବଳ ସଂଗଠନ ତଥା ନେତୃତ୍ୱ ସଂକଟ ଉଭୟ ବିଜେପି ଓ କଂଗ୍ରେସ ପାଇଁ ଚିନ୍ତାର କାରଣ ହୋଇଛି।



## ବଡ଼କ୍ଷୀରରେ ବିଜେଡି କର୍ମୀ ସମାବେଶ

**ନିଶ୍ଚିନ୍ତକୋଇଲି,୨୭।୫(ସମିସ)**

ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡ଼କ୍ଷୀର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ବିଜୁ ଜନତା ଦଳର ଏକ ପଞ୍ଚାୟତସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସଭାପତି ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱ ଏବଂ ଯୁବନେତା ପ୍ରବୋଧ କୁମାର ଚାନ୍ଦଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ବିଜେଡ଼ି ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଯୋଗଦେଇ ତାଙ୍କ ବାପା ପ୍ରତାପ ଜେନାଙ୍କ ସମୟରେ ବଡ଼କ୍ଷୀରକୁ ଏକ ନୂତନ ପଞ୍ଚାୟତ ରୂପେ ଗଢାଯାଇଥିଲା। ଏହି ପଞ୍ଚାୟତବାସୀ ଚଳିତ ନିର୍ବାଚନରେ ବିଜେଡିର ସାଂସଦ ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କୁ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେଇ ଆଶୀର୍ବାଦ ପ୍ରଦାନ କଲେ ବାକି ରହି ଯାଇଥିବା କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରାଯିବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କାପ, ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ସମିତିସଭ୍ୟ ପ୍ରଦୋଷ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିନୋଦ ସାମଲ, ଜ୍ୟୋତିରଞ୍ଜନ ସ୍ୱାଇଁ, ଶିକ୍ଷାବିତ୍ ଜୟଦେବ ସାହୁ, ସୁରେନ୍ଦ୍ରନାଥ ସାଥୁଆ, ସୁରେଶ ବେହେରା, ପ୍ରମୋଦ କୁମାର ସିଂ, ରଞ୍ଜନ କୁମାର ସ୍ୱାଇଁ, ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରିୟବ୍ରତ ସାହୁ, ବ୍ଲକ ମହିଳା ବିଜେଡି ସଭାପତି ଅମ୍ରିତା ସିଂ ପ୍ରମୁଖ ଯୋଗଦେଇ ଏଥର ବିପୁଳ ସଂଖ୍ୟାରେ ବିଜେଡିର ଦୁଇ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ସଂକଳ୍ପ ନେଇଥିଲେ।

## ବିଜେଡିର କର୍ମୀ ସମ୍ମିଳନୀ ଓ ଆଶୀର୍ବାଦ ସଭା

**ଟାଙ୍ଗୀ,୨୭ ।୫(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତରେ ଟାଙ୍ଗୀ ବିଜେଡିର ବିଶାଳ କର୍ମୀ ସମ୍ମିଳନୀ ଓ ଆଶୀର୍ବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିନିଧି ଜନ୍ମେଜୟ ଖିଲାର, ବାବାଜୀ ମହାନ୍ତି, ସ୍ୱାଧୀନ ମହାନ୍ତି, ବିଷ୍ଣୁ ଦାସ, ନାରୀନେତ୍ରୀ ଅନୁରାଧା ନାୟକ ଓ ଲୁସି ରାଉତ ପ୍ରମୁଖ ଯୋଗଦାନ କରି ସରକାରଙ୍କ ଜନହିତକର ଯୋଜନା ଲୋକମାନଙ୍କୁ ବୁଝାଇବାକୁ କର୍ମୀଙ୍କୁ ଆହ୍ୱାନ ଦେବା ସହ ବିରୋଧିଙ୍କ ମିଛ ପ୍ରତିଶ୍ରୁତିକୁ ବିଶ୍ୱାସ ନ କରିବାକୁ ପରାମର୍ଶ ଦେଇଥିଲେ। ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଯୋଡ଼ି ଶଙ୍ଖରେ ଭୋଟଦାନ କରି ନିର୍ବାଚିତ କରିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ବିଧାୟକ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଆସ୍ଥାପ୍ରକଟ କରି ଶତାଧିକ ମହିଳା ଓ ପୁରୁଷ ଅନ୍ୟ ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ଉତ୍ତରୀୟ ଦିଆଯାଇ ସ୍ୱାଗତ କରାଯାଇଥିଲା। ପଞ୍ଚାୟତର ଆଗଧାଡିର କର୍ମକର୍ତ୍ତା ସହଯୋଗ କରିଥିବାବେଳେ ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଯୋଗଦାନ କରିଥିଲେ।




## ଆକ୍ରମଣରେ ଜଣେ ଆହତ; ଥାନାରେ ମାମଲା

**କଟକ,୨୭।୫(ସମିସ):** ଜନୈକ ବ୍ୟକ୍ତିକୁ ରାତିରେ ଅଟକାଇ ସଂଘବଦ୍ଧ ଭାବେ ଆକ୍ରମଣ ହେଇଥିବା ନେଇ ସାଲେପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ କରିଥିବା ବ୍ୟକ୍ତି ହେଲେ କଟର୍ପା ଗ୍ରାମର ନାରାୟଣ ସେଠୀ। ତାଙ୍କ ଅଭିଯୋଗ ଅନୁଯାୟୀ ସେ ଗତକାଲି ରାତିରେ ଘରକୁ ଫେରୁଥିବା ବେଳେ କିଛି ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର କାହିଁ ତୁ ପ୍ରଚାର କରୁଛୁ ବୋଲି କହି ସଂଘବଦ୍ଧ ଭାବେ ତାଙ୍କୁ ମାଡ଼ମାରି ହାତ ଭାଙ୍ଗି ଦେଇଛନ୍ତି। ଏପରିକି ସେମାନେ ଏକାଠି ହୋଇ ଠେଙ୍ଗାରେ ପିଟି ତାଙ୍କୁ ଲହୁଲୁହାଣ କରିଦେଇଥିବା ନେଇ ସେ ଏତଲାରେ ଉଲ୍ଲେଖ କରିଛନ୍ତି।

## ସ୍ୱାଧୀନ ପ୍ରାର୍ଥୀ ଶାରଦାଙ୍କ ମିଶ୍ରଣ ପର୍ବ



**ନିଶ୍ଚିନ୍ତକୋଇଲି,୨୭।୫(ସମିସ):** ରାମକୃଷ୍ଣପୁର ଓ ନତକାଇ ପଞ୍ଚାୟତର ଅନ୍ୟ ଦଳର ଶତାଧିକ କର୍ମୀ ଯୁବନେତା କିଶୋର କୁମାର ବସ୍ତିଆଙ୍କ ନେତୃତ୍ୱରେ ମାହାଙ୍ଗା ବିଧାନସଭା କ୍ଷେତ୍ରର ସ୍ୱାଧୀନ ପ୍ରାର୍ଥୀ ଶାରଦା ପ୍ରଧାନଙ୍କୁ ସମର୍ଥନ ଦେଇଛନ୍ତି। କୁଳିଆ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ୱାର୍ଡ ସଭ୍ୟ ଅଶୋକ ବାରିକ, କୃଷ୍ଣଚନ୍ଦ୍ର ରାଉତ, ତ୍ରିନାଥ ମଳିକ, ନିତ୍ୟାନନ୍ଦ ରାଉତ, ରବୀନ୍ଦ୍ର ବାରିକ, ସୁବାଷ ଓଝା, ଗଂଜନ ରାଉତ, ଶରତ ନାଥ, ପବିତ୍ର ସେଠୀ, ଚିତ୍ତରଞ୍ଜନ ସେଠୀ, ଅନିଲ ବାରିକ, ସଞ୍ଜୟ ଓଝା, ନୃସିଂହ ବସ୍ତିଆ, ଅନିଲ ରାଉତ, ଶରତ ମଳିକ, ରମେଶ ସେଠୀ, ସତ୍ୟଜିତ୍ ବିଶୋଇ, ଭକ୍ତପ୍ରସାଦ ରାଉତ, ପୂର୍ଣ୍ଣଚନ୍ଦ୍ର ରାଉତ, ଶାରଦା ପ୍ରସାଦ ଦାସ, ଦିଗମ୍ବର ବିଶ୍ୱାଳ, ଦେବାଶିଷ ରାଉତ, ଯଦୁମଣୀ ଜେନା, ମୀନାର ସଗୁରାଙ୍କ ସମେତ ଶତାଧିକ କର୍ମୀଙ୍କୁ ଶ୍ରୀ ପ୍ରଧାନ ଉତ୍ତରୀୟ ପ୍ରଦାନ କରି ନିଜ ସହିତ ସାମିଲ କରିଛନ୍ତି।

## ବାସୁଳେଇ ପୀଠରେ ବିଶ୍ୱଶାନ୍ତି ଯଜ୍ଞ

**ନିଶ୍ଚିନ୍ତକୋଇଲି,୨୭।୫(ସମିସ):** ଅସୁରେଶ୍ୱର ପଞ୍ଚାୟତ କେନ୍ଦୁଲୋ ଗ୍ରାମର ଆରାଧ୍ୟ ମା' ବାସୁଳେଇ ପୀଠରେ ୫ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। କେଣ୍ଡୋଲୋ ମଲ୍ଲୀପୁର ସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ପବିତ୍ର ପୁଷ୍କରିଣୀରୁ ଶହ ଶହ ମହିଳା ଜଳ ଉତ୍ତୋଳନ କରି କଳସ ଶୋଭାଯାତ୍ରାରେ ଯାଇ ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ପଣ୍ଡିତ ଶ୍ରୀକାନ୍ତ ପଣ୍ଡା ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ଯଜ୍ଞର ସମସ୍ତ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ମନୋଜ ନାୟକ ଏବଂ ତାଙ୍କ ପତ୍ନୀ ଲକ୍ଷ୍ମୀପ୍ରଭା ମହାନ୍ତି କାର୍ଯ୍ୟଭାର ତୁଲାଇଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାବେଳେ ପୂର୍ଣ୍ଣାହୂତିରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସଂଗ୍ରାମ ମହାପାତ୍ର, ବଳରାମ ସାହୁ, ମହେନ୍ଦ୍ର ସିଂ, ବସନ୍ତ ସାହୁ, ଯଯାତି ମହାପାତ୍ର, ବିଜୟ ସାହୁଙ୍କ ସମେତ କେନ୍ଦୁଲୋ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଲେଜ ଛାତ୍ରଙ୍କୁ ସମ୍ବର୍ଦ୍ଧନା



**ସାଲେପୁର,୨୭ ।୫(ସମିସ):** ଚଳିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ସାଲେପୁର କଲେଜରେ ଟପ୍ପର ହୋଇଥିବା ବିଶ୍ୱନାଥ ମାହାଲିଙ୍କୁ ଆଜି ପାଢ଼ୀ ଟ୍ୟୁଟୋରିଆଲ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପାଢ଼ୀ ଟ୍ୟୁଟୋରିଆଲ୍‌ର ଡାଇରେକ୍ଟର୍ ବିମଳକାନ୍ତ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ କେନ୍ଦ୍ର ମୁଖ୍ୟ ରତିକାନ୍ତ ବିଶ୍ୱାଳ, ଅଧ୍ୟାପକ ଚୌ. କଳ୍ପତରୁ ଦାଶ, ବିକାଶ ରଞ୍ଜନ ସାମଲ, ଅମିୟ ରଞ୍ଜନ ପରିଡ଼ା, ଅମିତାଭ ମିଶ୍ର, ଭିକାରୀ ଚରଣ ମାହାଳି, ମଞ୍ଜୁଲତା ମାହାଳି ପ୍ରମୁଖ ଉପସ୍ଥିତ ରହି ଛାତ୍ର ବିଶ୍ୱନାଥ ମାହାଳିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା କରିଥିଲେ। ଛାତ୍ର ମାହାଳି ପାଢ଼ୀ ଟ୍ୟୁଟୋରିଆଲ୍‌ରେ କୋଚିଂ ନେଉଥିବାବେଳେ ଚଳିତ +୨ ବିଜ୍ଞାନ ପରୀକ୍ଷାରେ ୫୩୮ ନମ୍ବର ରଖି ସାଲେପୁର କଲେଜରେ ଟପ୍ପର ହୋଇଛନ୍ତି।

## ସାଲେପୁର ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



**ସାଲେପୁର,୨୭ ।୫(ସମିସ):** ସାଲେପୁର ଅଞ୍ଚଳରେ ନିର୍ବାଚନକୁ ନିରପେକ୍ଷ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆଜି ସାଲେପୁର ପୁଲିସ ପକ୍ଷରୁ ସାଲେପୁର ବଜାର ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ୨ ପ୍ଲାଟୁନ୍ ସିଆରପିଏଫ ଯବାନମାନେ ସାଲେପୁର ଅଞ୍ଚଳର ସାଲେପୁର ବଜାର, ରୋଧପୁର, ମାଛୁଆତି, ଶିଶୁଆ, ସଉରୀ, ଛାଣିପୁର, ବୋଦାମୁଣ୍ଡାଇ, ଲୁଣାହାର, ଚନ୍ଦ୍ରାଦେଇପୁର ସମେତ ବିଭିନ୍ନ ସ୍ଥାନରେ ପୁଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା। ଏଥିରେ ୨ ପ୍ଲାଟୁନ୍ ସିଆରପିଏଫ ଯବାନ ସାମିଲ ହୋଇଥିଲେ।

# ସାଲେପୁର ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ

**୧୦୮ ଲିଟର ଦେଶୀ ଓ ବିଦେଶୀ ମଦ ଜବତ, ୪ଗିରଫ**



**ସାଲେପୁର,୨୭ ।୫(ସମିସ)**

ସାଲେପୁର ପୁଲିସ ପକ୍ଷରୁ ଏକାଧିକ ସ୍ଥାନରେ ଚଢ଼ଉ କରାଯାଇ ୪୯ଲିଟର ଦେଶୀ ଓ ୫୯ଲିଟର ଚୋରା ବିଦେଶୀ ମଦ ଜବତ କରିବା ସହ ୪ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିଥିବା ଜଣାଯାଇଛି। ସାଲେପୁର ପୁଲିସ ସୂତ୍ରରୁ ପ୍ରକାଶ ଯେ, ମାହାଙ୍ଗା ଥାନା ଅନ୍ତର୍ଗତ ମଉଦା ଗ୍ରାମର ଅସିତ ପରିଡ଼ା ସାଲେପୁର ଥାନା ଅଧୀନରେ ଚୋରା ମଦ ବିକ୍ରି କରୁଥିବାବେଳେ ସାଲେପୁର ପୁଲିସ ଚଢ଼ଉ କରି ତା' ନିକଟରୁ ବହୁ ମାତ୍ରାରେ ଚୋରା ମଦ ଜବତ କରିବା ସହ ତାକୁ ଗିରଫ କରିଥିବା ଜଣାଯାଇଛି। ସେହିପରି ସାଲେପୁର ଥାନା ଅଞ୍ଚଳର ଧୂଆଁସାହି ଗ୍ରାମର ରାଜେଶ ସାମଲ, ଜଗନ୍ନାଥପୁର ଅଞ୍ଚଳର ମଙ୍ଗୁଳି ସାମଲ ଓ ନାନ୍ଦୋଳ ଗ୍ରାମର ରବିନ୍ଦ୍ର କବାଟ ଚୋରା ମଦ ବିକ୍ରି କରୁଥିବାବେଳେ ପୁଲିସ ଚଢ଼ଉ କରି ସେମାନଙ୍କ ନିକଟରୁ ବିପୁଳ ମାତ୍ରାରେ ଚୋରା ମଦ ଜବତ କରି ଉଭୟଙ୍କୁ ଗିରଫ କରିଛି। ସାଲେପୁର ପୁଲିସ ଏ ନେଇ ପୃଥକ୍ ପୃଥକ୍ ୫ଟି ମାମଲା ରୁଜୁ କରିବା ସହ ୪୯ ଲିଟର ଦେଶୀ ଓ ୫୯ ଲିଟର ବିଦେଶୀ ମଦ ଜବତ କରି ୪ ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିଥିବା ସାଲେପୁର ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

### ଦେଓପୁର ହତ୍ୟାକାଣ୍ଡ; ପୁଲିସର ତଦନ୍ତ ଜାରି

# ଅଭିଯୁକ୍ତଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ

**କଟକ,୨୭।୫(ସମିସ):** କମିଶନରେଟ ପୁଲିସର କନ୍ଦରପୁର ଥାନା ଅନ୍ତର୍ଗତ ଦେଓପୁର ଗ୍ରାମର ସରୋଜ ଭୋଇ ହତ୍ୟାକାଣ୍ଡକୁ ୩ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିପାରି ନାହିଁ କିମ୍ବା ହତ୍ୟାକାରୀକୁ ଧରିପାରି ନାହିଁ। ନିର୍ବାଚନର ପୂର୍ବ ରାତି ଅର୍ଥାତ ୨୪ ତାରିଖ ରାତିରେ ଉକ୍ତ ଗ୍ରାମର ସରୋଜଙ୍କୁ ତାଙ୍କ ଘର ଠାରୁ ଏକ କିଲୋମିଟର ଦୂର ଏକ ଗହୀର ଭିତରେ ଗଳାକାଟି ଅତି ବିଭତ୍ସ ଭାବେ ହତ୍ୟା କରାଯାଇଥିଲା। ପରଦିନ ସକାଳେ ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଏହା ତୀବ୍ର ଆଲୋଡନ ସୃଷ୍ଟି କରିଥିଲା। ପୁଲିସ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରିଥିଲେ। ପୁଲିସ ପ୍ରତିଦିନ କିଛି ଲୋକଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଥିବା ବେଳେ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ହେଲେ ହତ୍ୟାକାରୀ କିମ୍ବା ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିପାରିନାହିଁ। ଅନ୍ୟ ପକ୍ଷରେ ଏହି ହତ୍ୟାକାଣ୍ଡକୁ ନେଇ ସ୍ଥାନୀୟ ଜନସାଧାରଣ ଭିନ୍ନ ଭିନ୍ନ କଥା କୁହାକୁହି ହେଉଛନ୍ତି। କେତେକ ଏହାକୁ ଅନୈତିକ ସମ୍ପର୍କରୁ ହତ୍ୟା କରାଯାଇଥିବା କହୁଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ହତ୍ୟାକାଣ୍ଡ ହୋଇଥିବା ମଧ୍ୟ ଶୁଣିବାକୁ ମିଳୁଛି। ପୁଲିସ ପ୍ରତ୍ୟେକ ଦିଗକୁ ତନ୍ନ ତନ୍ନ କରି ତଦନ୍ତ କରୁଛି। କଟକ ଡିସିପିଙ୍କ ତତ୍ତ୍ୱାବଧାନରେ ୩ଟି ସ୍ୱତନ୍ତ୍ର ଟିମ ଗଠନ କରାଯାଇ ହତ୍ୟାକାରୀ ଓ ହତ୍ୟାକାଣ୍ଡ ଉନ୍ମୋଚନ କରିବାକୁ ଜୋରଦାର ପ୍ରୟାସ ଚଳାଇଛି। ଏହି ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ପାଇଁ କନ୍ଦରପୁର ଥାନା ପୁଲିସ ସହ କମିଶନରେଟ ପୁଲିସ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ବାଲିସାହିରେ ବିଜେଡିର କାର୍ଯ୍ୟାଳୟ ଉଦ୍‌ଘାଟିତ



**ସାଲେପୁର,୨୭।୫(ସମିସ):** ଆଜି ବାଲିସାହି ପଞ୍ଚାୟତର ରୋଧପୁର ଠାରେ ବିଜେଡି ନିର୍ବାଚନ କାର୍ଯ୍ୟାଳୟକୁ ସାଲେପୁର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଛନ୍ତି। ଯୁବନେତା ପରଭେଜ ଅଲ୍ଲୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଲେପୁର କଲେଜ ରୋଡ୍‌ରେ ବାଲିସାହି ପଞ୍ଚାୟତସ୍ତରୀୟ ବିଜେଡିର ନିର୍ବାଚନୀ କାର୍ଯ୍ୟାଳୟ ଆଜି ସକାଳ ୯ଘଟିକା ସମୟରେ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀ ବେହେରା ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ଭାବେ ମୁଖ୍ୟମନ୍ତ୍ରୀ ରୂପେ ଦେଖିବାକୁ ହେଲେ ସମସ୍ତେ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିବା ସହ କର୍ମୀମାନେ ଘର ଘର ବୁଲି ବିଜେଡିର ବିକାଶମୂଳକ କାର୍ଯ୍ୟ ସଂପର୍କରେ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ପବିତ୍ର ସାମଲ, ଶିକ୍ଷାବିତ୍ ରଜନୀକାନ୍ତ ଦାଶ, ଯୁବନେତା ଗୁଲରେଜ ଅଲ୍ଲୀ, ପୂର୍ବତନ ସରପଞ୍ଚ ସରସ୍ୱତୀ ବେହେରା, ବିଭୁତିଭୂଷଣ ଦାଶ, ସମିତିସଭ୍ୟା ପ୍ରତିନିଧି ବିନୋଦ ମଲ୍ଲିକ, ବାଲିସାହି ପଞ୍ଚାୟତ ଯୁବବିଜେଡି ସଭାପତି ମନୋଜ ସାମଲ, ଦିଲ୍ଲୀପ ମଲ୍ଲିକ, ବିଜୟକେତନ ଦାଶ, ଜୟରାମ ବେହେରା, ପର୍ଶୁରାମ ଦୀକ୍ଷିତ, ଅମୂଲ୍ୟ ସାମଲଙ୍କ ସମେତ ବାଲିସାହି ପଞ୍ଚାୟତର ବହୁ ବିଜେଡି ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## ସର୍ପାଘାତରେ ମହିଳା ମୃତ

**ଚୌଦ୍ୱାର,୨୭।୫(ସମିସ):** ଏକ ବିଷଧର ସର୍ପ ଦଂଶନରେ ଜଣେ ମହିଳାଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ହେଲେ ନଖରା ପଞ୍ଚାୟତ ସାନଚାଣ୍ଡୋ ଗ୍ରାମର ଜ୍ୟୋତ୍ସ୍ନାମୟୀ ଦାସ(୪୨) । ପ୍ରାପ୍ତ ଖବର ଅନୁଯାୟୀ ରବିବାର ବିଳମ୍ବିତ ରାତିରେ ବିଦ୍ୟୁତ ଚାଲିଯିବାରୁ ଜ୍ୟୋତ୍ସ୍ନାମୟୀ ଘର ଭିତରେ ଟେଷ୍ଟର ଖୋଜୁଥିବାବେଳେ ଘର ଭିତରେ ଥିବା ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କ ଚିତ୍କାର ଶୁଣି ପରିବାର ଲୋକେ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ନେଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ବାଙ୍କୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶତପ୍ରତିଶତ ସଫଳତା

**ବାଙ୍କୀ,୨୭।୫(ସମିସ):** ଚଳିତ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ବାଙ୍କୀ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ସେଥିମଧ୍ୟରୁ ସୁଶ୍ରୀ ଇପସିତା ସାହୁ ୫୬୫ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆୟେଶା ପ୍ରଧାନ ୫୫୬ ନମ୍ବର ରଖି ଡମପଡ଼ା ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ଉଭୟ କୃତି ଛାତ୍ରୀଙ୍କୁ ସ୍କୁଲ ପରିଚାଳନା କମିଟି, ପ୍ରଧାନଆଚାର୍ଯ୍ୟଙ୍କ ସମେତ ସମସ୍ତ ଗୁରୁଜୀ/ଗୁରୁମାମାନେ ଅଭିନନ୍ଦନ ଜଣାଇଛନ୍ତି।

## ବିକେ ବିଦ୍ୟାପୀଠରେ ଶତପ୍ରତିଶତ ସଫଳତା



**ବାଙ୍କୀ,୨୭।୫(ସମିସ):** ବାଙ୍କୀ ଉପଖଣ୍ଡର ଶତାୟୁ ହାଇସ୍କୁଲ ବି.କେ. ବିଦ୍ୟାପୀଠରେ ଚଳିତ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଅମିତ୍ କୁମାର ଦାସ ୫୫୨ନମ୍ବର ରଖି ଏ-୧ରେ କୃତିତ୍ୱ ହାସଲ କରିବା ସହିତ ସଫଳତା ହାସଲ କରିଛନ୍ତି। ଏହି ଅବସରରେ ଆଜି ସ୍କୁଲ ପରିସରରେ ଅମିତ କୁମାର ଦାସଙ୍କୁ ସ୍କୁଲ ପରିଚାଳନା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲ ପରିଚାଳନା କମିଟି ସଭାପତି ଶ୍ରୀନିବାସ ବେହେରା, ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଶିକ୍ଷକ ସୁବ୍ରତ କୁମାର ଖଟୁଆ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ।

## ଆର୍ଥିକ ସଂସ୍କାର ଓ ପରିଚାଳନା ସଂପର୍କରେ ପ୍ରଶିକ୍ଷଣ




**ବାଙ୍କୀ,୨୭।୫(ସମିସ):** ବାଙ୍କୀ କଲେଜ ରୋଡସ୍ଥିତ ଶିକ୍ଷା ଭାରତୀ ଟ୍ରଷ୍ଟ ଆନୁକୂଲ୍ୟରେ ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରାଳୟ ସହାୟତାରେ ଏକ ୫ଦିନିଆ ଆର୍ଥିକ ସଂସ୍କାର ଓ ପରିଚାଳନା ସଂପର୍କରେ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷା ଭାରତୀ ଟ୍ରଷ୍ଟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବାଙ୍କୀ କଲେଜର ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ ଛାଟୋଇ ଯୋଗଦାନ କରି ଆର୍ଥିକ ସଂସ୍କାର ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ପ୍ରଶିକ୍ଷଣ ନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଶେଷରେ ରୋଜାଲିନ୍ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଶ୍ଚିନ୍ତକୋଇଲିର ତିନି କଲେଜରେ +୨ ଫଳାଫଳ ସନ୍ତୋଷଜନକ

**ନିଶ୍ଚିନ୍ତକୋଇଲି,୨୭।୫(ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ +୨ ବିଜ୍ଞାନ, କଳା ଓ ବାଣିଜ୍ୟ ବିଷୟରେ ଫଳାଫଳ ପ୍ରକାଶ ପାଇଛି। ଏଥିରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଥିବା ପଞ୍ଚାୟତ ପ୍ରହ୍ଲାଦ କଲେଜ, ଅସୁରେଶ୍ୱରର ସୁଭଦ୍ରା ମହତାବ କଲେଜ ଓ ନଟକାଇ ବାଣୀନଗରରେ ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟରେ ଛାତ୍ର ଛାତ୍ରୀମାନେ ସନ୍ତୋଷଜନକ ଫଳାଫଳ କରିଛନ୍ତି। ପିପି କଲେଜର ବିଜ୍ଞାନ ବିଭାଗରେ ୧୭୦ଜଣ ପରୀକ୍ଷା ଦେଇଥିଲା ବେଳେ ୬୫ଜଣ ପ୍ରଥମ ଶ୍ରେଣୀରେ, ୭୪ଜଣ ଦ୍ୱିତୀୟ ଶ୍ରେଣୀରେ,୨୪ଜଣ ତୃତୀୟ ଶ୍ରେଣୀରେ ମୋଟ ୧୬୩ଜଣ ପାସ କରିଥିବା ବେଳେ ୭ଜଣ ଫେଲ ହୋଇଛନ୍ତି। ଏହି କଲେଜର ବିଜ୍ଞାନରେ ୯୫.୮୮% ଫଳାଫଳ ହୋଇଥିବା ଜଣାଯାଇଛି। ସେହିପରି କଳାରେ ୩୧୨ଜଣ ପରୀକ୍ଷା ଦେଇଥିଲା ବେଳେ ପ୍ରଥମ ଶ୍ରେଣୀରେ ୪୧ଜଣ, ଦ୍ୱିତୀୟ ଶ୍ରେଣୀରେ ୪୧ଜଣ ଓ ତୃତୀୟ ଶ୍ରେଣୀରେ ୧୯୦ଜଣ, ମୋଟ୍ ୨୭୨ଜଣ ପାସ କରିଥିଲାବେଳେ ୪୦ଜଣ ଫେଲ ହୋଇଛନ୍ତି। କଳାରେ ୮୭% ଫଳାଫଳ ହୋଇଥିବା ଜଣାଯାଇଛି। ସେହିପରି ଧନ୍ଦାମୂଳକ ଶିକ୍ଷାରେ ୧୮ଜଣ ପରୀକ୍ଷା ଦେଇଥିଲା ବେଳେ ପ୍ରଥମ ଶ୍ରେଣୀରେ ୨ଜଣ, ଦ୍ୱିତୀୟ ଶ୍ରେଣୀରେ ୮ଜଣ, ତୃତୀୟ ଶ୍ରେଣୀରେ ୪ଜଣ ପାସ କରିଥିବା ବେଳେ ୪ଜଣ ଫେଲ ହୋଇଛନ୍ତି। ସେହିପରି ସୁଭଦ୍ରା ମହତାବ କଲେଜରେ ବିଜ୍ଞାନରେ ୮୪ଜଣ ପରୀକ୍ଷା ଦେଇଥିଲା ବେଳେ ପ୍ରଥମ ଶ୍ରେଣୀରେ ୨୨ଜଣ, ଦ୍ୱିତୀୟ ଶ୍ରେଣୀରେ ୩୭ଜଣ ଓ ତୃତୀୟ ଶ୍ରେଣୀରେ ୧୪ଜଣ ମୋଟ୍ ୭୩ଜଣ ପାସ୍ କରିଥିଲା ବେଳେ ୧୧ଜଣ ଫେଲ ହୋଇଛନ୍ତି। ସେହିପରି କଳାରେ ୨୭୬ଜଣ ପରୀକ୍ଷା ଦେଇଥିଲା ବେଳେ ପ୍ରଥମ ଶ୍ରେଣୀରେ ୫୪ଜଣ, ଦ୍ୱିତୀୟ ଶ୍ରେଣରେ ୩୬ଜଣ ଓ ତୃତୀୟ ଶ୍ରେଣୀରେ ୧୪୫ଜଣ ମୋଟ ୨୩୬ଜଣ ପାସ କରିଥିବା ବେଳେ ୪୦ଜଣ ଫେଲ ହୋଇଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ୧୫ଜଣ ପରୀକ୍ଷା ଦେଇଥିଲା ବେଳେ ପ୍ରଥମ ଶ୍ରେଣୀରେ ୪ଜଣ, ଦ୍ୱିତୀୟ ଶ୍ରେଣୀରେ ୧ ଜଣ ଓ ତୃତୀୟ ଶ୍ରେଣୀରେ ୮ ଜଣ ମୋଟ୍ ୧୩ଜଣ ପାସ କରିଥିଲା ବେଳେ ୨ଜଣ ଫେଲ ହୋଇଛନ୍ତି। ସେହିପରି ବଲ୍ଲଭୀ ଦେବୀ ମହିଳା କଲେଜରେ ବିଜ୍ଞାନରେ ୪୮ ଜଣ ପରୀକ୍ଷା ଦେଇଥିଲା ବେଳେ ପ୍ରଥମ ଶ୍ରେଣୀରେ ୨୨ଜଣ, ଦ୍ୱିତୀୟ ଶ୍ରେଣୀରେ ୧୮ଜଣ, ତୃତୀୟ ଶ୍ରେଣୀରେ ୫ଜଣ ମୋଟ୍ ୪୫ଜଣ ପାସ କରିଥିଲାବେଳେ ୩ଜଣ ଫେଲ ହୋଇଛନ୍ତି। ସେହିପରି କଳାରେ ୧୪୯ଜଣ ପରୀକ୍ଷା ଦେଇଥିଲା ବେଳେ ପ୍ରଥମ ଶ୍ରେଣୀରେ ୨୪ଜଣ, ଦ୍ୱିତୀୟ ଶ୍ରେଣୀରେ ୨୪ଜଣ ଓ ତୃତୀୟ ଶ୍ରେଣୀରେ ୮୨ଜଣ ମୋଟ୍ ୧୩୦ଜଣ ପାସ କରିଥିଲାବେଳେ ୧୯ଜଣ ଫେଲ ହୋଇଛନ୍ତି। ବାଣିଜ୍ୟ ବିଷୟରେ ୯ଜଣ ପରୀକ୍ଷା ଦେଇଥିଲା ବେଳେ ପ୍ରଥମ ଶ୍ରେଣୀରେ ୪ଜଣ, ଦ୍ୱିତୀୟ ଶ୍ରେଣୀରେ ୨ଜଣ, ତୃତୀୟ ଶ୍ରେଣୀରେ ୩ଜଣ ମୋଟ୍ ୯ଜଣ ପାସ କରି ଶତପ୍ରତିଶତ ଫଳାଫଳ କରିଛନ୍ତି।

## ଭଟିମୁଣ୍ଡାରେ ବିଜେଡିର ମିଶ୍ରଣ ପର୍ବ



**ଟାଙ୍ଗୀ,୨୭।୫(ସମିସ):** କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ରରେ ବିଜେଡିର ଶକ୍ତି ବଢିବାରେ ଲାଗିଛି। ବିଶେଷ କରି ବିଜେପି ଓ କଂଗ୍ରେସ ଦଳର କର୍ମୀ ନବୀନ ପଟ୍ଟନାୟକଙ୍କ ପ୍ରତି ଆସ୍ଥା ପ୍ରକଟ କରି ବିଜେଡିରେ ମିଶିବାରେ ଲାଗିଛନ୍ତି। ଏହି କ୍ରମରେ ଟାଙ୍ଗୀ ଚୌଦ୍ୱାର ବ୍ଲକ ଭଟିମୁଣ୍ଡା ପଞ୍ଚାୟତରେ ବିଜୁ ଜନତା ଦଳର ମିଶ୍ରଣ ପର୍ବ ବ୍ଲକ ବିଜୁ ଯୁବ ଜନତାଦଳର ସଭାପତି ତଥା ସରପଞ୍ଚ ତାପସ୍ୱି ନାରାୟଣ ସାହୁଙ୍କ ପୌରହିତ୍ୟରେ ରବିବାର ରାତ୍ରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ଓଡ଼ିଶା ସରକାରଙ୍କ ଜନହିତକର ଯୋଜନା ଉପରେ ଆଲୋକପାତ କରିବା ସହ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଯୋଡ଼ି ଶଙ୍ଖରେ ଭୋଟଦାନ କରି ନିର୍ବାଚିତ କରିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ଶତାଧିକ ବିଜେପି କର୍ମୀ ବିଧାୟକ ଶ୍ରୀ ବେହେରା ଓ ନବୀନ ପଟ୍ଟନାୟକଙ୍କ ପ୍ରତି ଆସ୍ଥା ପ୍ରକଟ କରି ବିଜେଡିରେ ସାମିଲ ହୋଇଥିଲେ। ସମସ୍ତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀ, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ ଓ ଜୟଶ୍ରୀ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର ଓ ଗୋବିନ୍ଦ ଦାସ ଯୋଗଦେଇଥିବାବେଳେ ପୁଷ୍ପକ ପୃଷ୍ଟି, ରବିନ୍ଦ୍ର ସାହୁ, ସମ୍ବିତ ସାହୁ, ଦୀପକ ସାହୁ, ମନୋଜ ମହାରଣା, ଧନେଶ୍ୱର ସାହୁ ଓ ତରଣିସେନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ସାଲେପୁର ନିର୍ବାଚନ ମଣ୍ଡଳୀ ଟାଙ୍ଗୀ ଅଞ୍ଚଳ

## ୮୨ବୁଥରେ ମତଦାନ କରିବେ ୮୦,୬୬୭ ଭୋଟର

**ଟାଙ୍ଗୀ,୨୭।୫(ସମିସ):** ଜୁନ ୧ ତାରିଖରେ ଦେଶ ତଥା ରାଜ୍ୟର ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ଚର୍ଚ୍ଚାରେ ରହିଥିବାବେଳେ ସାଲେପୁର ନିର୍ବାଚନ ମଣ୍ଡଳୀ ଟାଙ୍ଗୀ ଅଞ୍ଚଳର ମୋଟ ୮୦,୬୬୭ ଜଣ ଭୋଟର ମତଦାନ ସାବ୍ୟସ୍ତ କରିବେ। ୧୩ଟି ପଞ୍ଚାୟତ ବିଶିଷ୍ଟ ଟାଙ୍ଗୀ ଅଞ୍ଚଳକୁ ୮ଟି ସେକ୍ଟରରେ ବିଭକ୍ତ କରାଯାଇଛି। ପୁରୁଷ ୪୧,୧୮୩,ମହିଳା ୩୯,୪୬୯ ଓ ଅନ୍ୟାନ୍ୟ ଭୋଟର ୧୫ଜଣ ରହିଥିବାବେଳେ ସେମାନଙ୍କ ମଧ୍ୟରେ ୩୮୬୧ ଜଣ ଦିବ୍ୟାଙ୍ଗ ରହିଛନ୍ତି। ସେହିପରି ସମସ୍ତ ସୁବିଧା ଉପଲବ୍ଧ ୧୬ଟି ମଡେଲ ବୁଥ୍ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ଉତ୍ତେଜନା ପ୍ରବଣ କିମ୍ବା ଅତି ଉତ୍ତେଜନା ପ୍ରବଣ ବୁଥ୍ ନ ଥିବାବେଳେ ମହିଳା କର୍ମଚାରୀଯୁକ୍ତ 'ସଖୀ' ବୁଥ୍ ବ୍ୟବସ୍ଥା ନାହିଁ ଓ ସ୍ୱଚ୍ଛ ତଥା ନିରପେକ୍ଷ ନିର୍ବାଚନ ନିମନ୍ତେ ୬୩ ବୁଥରେ ୱେବ୍ କାଷ୍ଟିଂ କରାଯିବ। ସାଲେପୁର ଆସନରେ ବିଧାୟକ ପ୍ରାର୍ଥୀଭାବେ ବିଜେଡି, ବିଜେପି, କଂଗ୍ରେସ, ସିପିଆଇ(ଏମ୍) ଓ ଅନ୍ୟାନ୍ୟ ଦଳରୁ ମୋଟ ୯ଜଣ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥିବା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗ୍ରାମପଞ୍ଚାୟତ ଭାରପ୍ରାପ୍ତ ଅଧିକାରୀ ଅମୂଲ୍ୟ କୁମାର ରାଉଳ ସୂଚନା ପ୍ରଦାନ କରିଛନ୍ତି।

**୬୩ ବୁଥରେ ୱେବ୍ କାଷ୍ଟିଂ**

## ମହାପ୍ରଭୁ ଯୁଗୋଳ କିଶୋରଙ୍କ ଚନ୍ଦନ ଯାତ୍ରା



**ମାହାଙ୍ଗା,୨୭।୫(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ କାହ୍ନୁପୁର ଗ୍ରାମର ଗୋବରୀ ନଦୀ କୂଳରେ ମହାପ୍ରଭୁ ଯୁଗୋଳ କିଶୋରଙ୍କ ୫ ଦିବସୀୟ ଚନ୍ଦନ ଚାପ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଯୁଗୋଳ କିଶୋର ମନ୍ଦିର ମଧ୍ୟରୁ ସୁସଜ୍ଜିତ ହୋଇ ସେବାୟତଙ୍କ ସଂକୀର୍ତ୍ତନ, ବାଣ, ବାଜା ସହ ମହାପଟୁଆରରେ ନିକଟସ୍ଥ ଚନ୍ଦନ ପୋଖରୀରେ ପହଞ୍ଚିବା ପରେ ମନ୍ଦିର ସେବାୟତମାନେ ଶ୍ରୀ ବିଗ୍ରହଙ୍କୁ ସୁସଜ୍ଜିତ ନୌକାରେ ବସାଇ ଚାପ ଓ ଭଉଁରୀ କରାଇ ପୋଖରୀ ମଧ୍ୟରେ ବୁଲାଇଥିଲେ। ଏହି ଅବସରରେ ଏକ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି ଯୋଗଦେଇ ମହାପ୍ରଭୁଙ୍କ ବିଭିନ୍ନ ଭଜନ ଗାଇବା ସହ ପଭୁ ଯୁଗୋଳକିଶୋରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଯାତ୍ରାରେ ମହାପ୍ରଭୁଙ୍କ ପୂଜକ ଅକ୍ଷୟ କୁମାର ପଣ୍ଡା, ପ୍ରିୟବ୍ରତ ପଣ୍ଡା, ସତ୍ୟବ୍ରତ ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ମନ୍ଦିର କମିଟିର ସମସ୍ତ ସଦସ୍ୟ ଯଥା ସଭାପତି ସ୍ନେହାସ କୁମାର ମହାନ୍ତି, ବ୍ରଜକିଶୋର ମହାନ୍ତି, କିଶୋରଚନ୍ଦ୍ର ମହାନ୍ତି, କୁଞ୍ଜବିହାରୀ ମହାନ୍ତି, କୃପାସିନ୍ଧୁ ମହାନ୍ତି, ରବିନ୍ଦ୍ର ମହାନ୍ତି, ମାନସ ରଞ୍ଜନ ମହାନ୍ତି, ଧୃଶାସନ ମହାନ୍ତି, ଦୁର୍ଗାଚରଣ ମହାନ୍ତି, ତାପସ ମହାନ୍ତି, ଆଶିଷ ମହାନ୍ତି, ଆଲୋକ ମହାନ୍ତି, ସୁଜିତ୍ ମହାନ୍ତି, ଦୀଲ୍ଲିପ ଦାସ, ବିଶ୍ୱଜିତ୍ ମହାନ୍ତି, ଧ୍ରୁବଚରଣ ମହାନ୍ତି, ଦୀପକ ମହାନ୍ତି, ସନ୍ଦୀପ ମହାନ୍ତି, ଜଗଦୀଶ ମହାନ୍ତି, ଅନୁରାଗ ମହାନ୍ତି, ପିନାକୀରଞ୍ଜନ ମହାନ୍ତି, କ୍ରୀଷ୍ଣା ଅଭିଶେକ ମହାନ୍ତିଙ୍କ ସମେତ ମନ୍ଦିର କମିଟିର ବହୁ ସଭ୍ୟ ଉପସ୍ଥିତ ରହି ମହାପ୍ରଭୁଙ୍କ ଯାତ୍ରାଟିକୁ ସାଫଲ୍ୟ କରିଛନ୍ତି।

## ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ର ବହୁ ବିଦ୍ୟାଳୟରେ ଫଳ ଶତପ୍ରତିଶତ






**ଚୌଦ୍ୱାର,୨୭।୫(ସମିସ):** ମାଟ୍ରିକ୍ ପରୀକ୍ଷା ପଳ ପ୍ରକାଶ ହେବା ପରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ର ହାଇସ୍କୁଲ ଗୁଡ଼ିକର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ମାତ୍ର କେତୋଟି ବିଦ୍ୟାଳୟକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବିଦ୍ୟାଳୟରେ ଫଳାଫଳ ଶତ ପ୍ରତିଶତ ହୋଇଥିବା ଜଣାପଡ଼ିଛି। ଚୌଦ୍ୱାର ସହରସ୍ଥିତ କଳିଙ୍ଗ ନୋଡ଼ାଲ ହାଇସ୍କୁଲରେ ଶତ ପ୍ରତିଶତ ଛାତ୍ରଛାତ୍ରୀ ପାସ କରିଥିବାବେଳେ ଏ-୧ରେ ୩ଜଣ ପିଲା ପାସ୍ କରିଛନ୍ତି। ସେମାନେ ହେଲେ ତନୁଶ୍ରୀ ପ୍ରିୟଦର୍ଶିନୀ(୫୫୨), ପ୍ରିୟାଂଶୁ ଭଦ୍ର (୫୪୫) ଓ ସମୀକ୍ଷା ମହାନ୍ତି (୫୪୦)। ସେହିପରି ଶତ ପ୍ରତିଶତ ପାସ୍ କରିଥିବା ଗାନ୍ଧୀଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଦିବ୍ୟଜ୍ୟୋତି ନାୟକ ଓ ବିମଳ କୁମାର ସିଂ ଏ-୧ (୫୫୨) ଗ୍ରେଡରେ ପାସ କରିଛନ୍ତି। ଦିବ୍ୟଜ୍ୟୋତି ୫୬୦(୯୩.୩୩%) ନମ୍ବର ରଖିଛନ୍ତି। ଓଟିଏମ୍ ହାଇସ୍କୁଲର ଶୁଭନନ୍ଦିନୀ ଦାସ ୫୪୦ ନମ୍ବର ରଖି ଏ-୧ ଗ୍ରେଡ଼, ବାଲିଚତୁରୀସ୍ଥିତ ବାଲୁଙ୍କେଶ୍ୱର ବିଦ୍ୟାପୀଠର ସୁଚିତ୍ରା ରାଉତ ଏ-୧ (୫୪୧) ଏବଂ ଆଗ୍ରାହାଟସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଲିସା ପୃଷ୍ଟି ଏ-୧(୫୫୧) ପାଇଛନ୍ତି । ଫଳ ପ୍ରକାଶିତ ହେବା ପରେ ବିଦ୍ୟାଳୟ ଓ ଅଭିଭାବକଙ୍କ ତରଫରୁ ପିଲାଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ ସହିତ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଓଷ୍ଟା ତରଫରୁ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ଫାଓ ପକ୍ଷରୁ ଛେତ୍ରୀଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର, ୨୭।୫ (ସମିସ):** ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସୋମବାର ଭାରତୀୟ ଦଳର ଅଧିନାୟକ ସୁନିଲ ଛେତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭାରତୀୟ ଫୁଟ୍‌ବଲକୁ ଅତୁଳନୀୟ ଅବଦାନ ଲାଗି ଛେତ୍ରିଙ୍କୁ ଉତ୍ତରୀୟ ଓ ପ୍ରଭୁ ଜଗନ୍ନାଥଙ୍କ ଏକ ପ୍ରତିମୂର୍ତ୍ତି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜୁନ ୬ରେ କୁଏତ୍ ବିପକ୍ଷ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳିବା ଲାଗି ଭାରତୀୟ ଫୁଟ୍‌ବଲ ଦଳ ଗତ ସପ୍ତାହେ ହେବ ବର୍ତ୍ତମାନ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଜାରି ରଖିଛି। ଓଡ଼ିଶା ମାଟିରେ ଅଭ୍ୟାସ କରୁଥିବାବେଳେ ୩୯ ବର୍ଷୀୟ ଛେତ୍ରୀ ସମସ୍ତଙ୍କୁ ଚକିତ କରି ହଠାତ୍ ଗତ ୧୫ରେ ଅବସର ଘୋଷଣା କରିଥିଲେ।

ସୋମବାର ସମ୍ବର୍ଦ୍ଧନା ଅବସରରେ ଫାଓ କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ଅଭିଜିତ୍ ପାଲ୍, ବିଶ୍ୱରଞ୍ଜନ ଘଡ଼େଇ, ଭୁବନେଶ୍ୱର ଆଥ୍ଲେଟିକ ଆସୋସିଏସନ ସାଧାରଣ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଫାଓ ସଦସ୍ୟ ଶିବବ୍ରତ ମଲ୍ଲିକ, ହୃଷିକେଶ ବେହେରା, ଫିଫା ଏକାଡେମୀ ମ୍ୟାନେଜର ସୁନିଲ ମିତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# କେନ୍ଦୁପାଟଣାରେ ବିଜେଡିର ଆଶୀର୍ବାଦ ସମାବେଶ

**ନିଶ୍ଚିନ୍ତକୋଇଲି,୨୭।୫(ସମିସ)**



ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେନ୍ଦୁପାଟଣା ପଞ୍ଚାୟତସ୍ତରୀୟ ବିଜୁ ଜନତା ଦଳର ଆଶୀର୍ବାଦ ସମାବେଶ ଅନୁଷ୍ଠିତ ହୋଇଛି। ଯୁବନେତା ଭବାନୀଶଙ୍କର ମଲ୍ଲଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଯୋଗଦେଇ ବିଗତ ୨୪ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବହୁ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହିତ ତାଙ୍କ ବାପା ବିଧାୟକ ପ୍ରତାପ ଜେନା ବିଗତ ୧୫ ବର୍ଷରେ କେନ୍ଦୁପାଟଣା ପଞ୍ଚାୟତରେ ରାସ୍ତାଘାଟ ଠାରୁ ଆରମ୍ଭ କରି ଦେବାଦେବୀ ପୀଠର ଉନ୍ନତିକରଣ, ଆଲୋକୀକରଣ, ପାନୀୟଜଳ ଯୋଗାଣ କାର୍ଯ୍ୟକ୍ରମ କରି ବେଶ ଲୋକପ୍ରିୟତା ଅର୍ଜନ କରିଛନ୍ତି। ଏହି ପଞ୍ଚାୟତରୁ ବିଜେଡ଼ି ସବୁବେଳେ ସର୍ବାଧିକ ଭୋଟ ପାଉଥିବାବେଳେ ଏହାକୁ ବ୍ଲକ ମଧ୍ୟରେ ୧ନଂ ପଞ୍ଚାୟତ ଭାବେ ଗଠନ କରିବା ନିମନ୍ତେ ଯେଉଁ ସ୍ୱପ୍ନ ରହିଛି ତାହାକୁ ପୂରଣ କରିବାକୁ ହେଲେ ପଞ୍ଚାୟତବାସୀଙ୍କର ଆଶୀର୍ବାଦ ଓ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଚଳିତ ନିର୍ବାଚନରେ ବିଜେଡିର ସାଂସଦ ଓ ବିଧାୟକ ପ୍ରାର୍ଥୀଦ୍ୱୟଙ୍କୁ ଦୁଇଥର ସୁଇଚ୍ ଟିପି ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ ଲାଭ କଲେ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ପ୍ରକାଶ କରିଥିଲେ। ଏଥିରେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କାପ, ପୂର୍ବତନ ସରପଞ୍ଚ ତଥା ବିଜେଡି ନେତା ବିବେକାନନ୍ଦ ବେହେରା, ସରପଞ୍ଚ ପ୍ରଗତିପ୍ରଭା ମହାନ୍ତି, ସମିତିସଭ୍ୟା ଭାରତୀ ରାଉତ, ନାଏବ ସରପଞ୍ଚ ଫଗୁଣ ସାହୁ, ମହିଳା ସଂଘର ସଭାନେତ୍ରୀ କନକଲତା ଭୂୟାଁ, ଶାରଦା ପ୍ରସନ୍ନ ନାୟକ, ଯଦୁମଣୀ ସାହୁ, ଲିପୁ ମଲ୍ଲ, ପ୍ରେମାନନ୍ଦ କବି, ପଞ୍ଚାୟତ ସଭାପତି କେଲୁଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ରାଉତ, ରଙ୍ଗଲତା ବେହେରା, ଶାନ୍ତିଲତା ପାତ୍ର, ପୂର୍ବତନ ସମିତିସଭ୍ୟା ବାସନ୍ତୀ ସାହୁ, ସଭ୍ୟ ଶୁକଦେବ ସେଠୀଙ୍କୁ ପ୍ରାର୍ଥୀ ଶ୍ରୀ ଜେନା ସମ୍ବର୍ଦ୍ଧିତ କରିଥିଲେ।

